୬ ବିସିସିଆଇର ନୂଆ ଅଧ୍ୟକ୍ଷ ହେଲେ ମିଥୁନ ମନହାସ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା
The Sambad Kalika

TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୪୨ ● ୨୯ ସେପ୍ଟେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-242 ● 29th September 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




## 'ମନ୍ କି ବାତ୍'ରେ ଘୋଷଣା କଲେ ପ୍ରଧାନମନ୍ତ୍ରୀ

# ୟୁନେସ୍କୋ ତାଲିକାରେ ସାମିଲ ହେବ ଛଟ୍ ପୂଜା

**ନୂଆଦିଲ୍ଲୀ, ୨୮।୯**

ନବରାତ୍ରିର ପବିତ୍ର ପାର୍ବଣ ମଧ୍ୟରେ,'ମନ କି ବାତ' କାର୍ଯ୍ୟକ୍ରମର ୧୨୬ତମ ଏପିସୋଡ୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ଦୁର୍ଗା ପୂଜା ମଣ୍ଡପଗୁଡ଼ିକ ବିଷୟରେ କହିଛନ୍ତି। ସେ କହିଛନ୍ତି ଯେ, ଭାରତ ସରକାରଙ୍କ ପ୍ରୟାସ ଯୋଗୁ କୋଲକାତାର ଦୁର୍ଗା ପୂଜାକୁ ୟୁନେସ୍କୋ ତାଲିକାରେ ସାମିଲ କରାଯାଇଛି।

ପ୍ରଧାନମନ୍ତ୍ରୀ ସହିଦ ଭଗତ ସିଂହ ଏବଂ 'ଭାରତ ରତ୍ନ' ଲତା ମଙ୍ଗେଶକରଙ୍କୁ ସେମାନଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଉଭୟ ମହାନ ବ୍ୟକ୍ତିତ୍ୱଙ୍କ ଅବଦାନକୁ ମଧ୍ୟ ମନେ ପକାଇଛନ୍ତି। ଭଗତ ସିଂହଙ୍କୁ ପ୍ରେରଣାର ଉତ୍ସ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଅମର ସହିଦ ଭଗତ ସିଂହ ପ୍ରତ୍ୟେକ



ଭାରତୀୟ ଏବଂ ବିଶେଷକରି ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ।

ନିର୍ଭୀକତା ତାଙ୍କ ସ୍ୱଭାବରେ ଥିଲା। ଦେଶ ପାଇଁ ଫାଶୀ ପାଇବା ପୂର୍ବରୁ ସହିଦ ଭଗତ ସିଂହ ବ୍ରିଟିଶମାନଙ୍କୁ ଏକ ଚିଠି ଲେଖି କହିଥିଲେ, 'ମୁଁ ଚାହେଁ ଯେ ତୁମେ ମୋତେ ଏବଂ ମୋର ସାଥୀମାନଙ୍କୁ ଯୁଦ୍ଧବନ୍ଦୀ ଭାବରେ ବ୍ୟବହାର କର, ଯାହା ଦ୍ୱାରା ଆମର ଜୀବନ ଫାଶୀ ଦ୍ୱାରା ନୁହେଁ ବରଂ ଗୁଳି କରି ନିଆଯିବ।'

ପ୍ରଧାନମନ୍ତ୍ରୀ ମୋଦୀ ପଶ୍ଚିମବଙ୍ଗର ଦୁର୍ଗା ପୂଜା ମଣ୍ଡପଗୁଡ଼ିକ ବିଷୟରେ କହିଛନ୍ତି। ସେ କହିଛନ୍ତି, କିଛି ସମୟ ପୂର୍ବରୁ,ଭାରତ ସରକାରଙ୍କ ସମାନ ପ୍ରୟାସ ଯୋଗୁ କୋଲକାତାର ଦୁର୍ଗା ପୂଜା ମଧ୍ୟ ୟୁନେସ୍କୋ ତାଲିକାର ଅଂଶ ହୋଇଥିଲା। ଯଦି ଆମେ ଆମର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ଏପରି ବିଶ୍ୱସ୍ତରୀୟ ସ୍ୱୀକୃତି ଦେବା, ତେବେ ବିଶ୍ୱ ମଧ୍ୟ ସେସବୁ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରୁ ଶିଖିବ, ବୁଝିବ ଏବଂ ଏଥିରେ ଅଂଶଗ୍ରହଣ କରିବାକୁ ଆଗେଇ ଆସିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ମହାନ ଛଟ ପର୍ବ ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, 'ମୁଁ ଆପଣଙ୍କୁ ଜଣାଇ ବହୁତ ଖୁସି ଯେ ଭାରତ ସରକାର ମଧ୍ୟ ଛଟ୍ ପୂଜା ସହିତ ଜଡିତ ଏକ ପ୍ରମୁଖ ପ୍ରୟାସରେ ନିୟୋଜିତ *(ପୃଷ୍ଠା ୭ରେ)*

# ଭାରତ ଏସିଆକପ୍ ଚାମ୍ପିଅନ୍

## ପାକିସ୍ତାନକୁ ୫ ୱିକେଟ୍‌ରେ ହରାଇଲା

**ଦୁବାଇ, ୨୮।୯**

ଏସିଆ କପ୍ ୨୦୨୫ର ଫାଇନାଲ ମ୍ୟାଚ୍ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡ଼ିୟମ୍‌ରେ ମୁହାଁମୁହିଁ ହୋଇଥିଲେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ। ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତ। ପ୍ରଥମେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିବା ପାକିସ୍ତାନର ଆରମ୍ଭ ଏକ ସ୍ୱାଭାବିକ ସ୍ଥିତିରେ ହୋଇଥିବା ବେଳେ ଭାରତୀୟ ବୋଲରଙ୍କ ଘାତକ ବୋଲିଂରେ ଘାଇଲା ହୋଇଥିଲେ ପାକିସ୍ତାନ ବ୍ୟାଟର। ପାକିସ୍ତାନ ମାତ୍ର ୬୨ ରନରେ ସମସ୍ତ ୧୦ ୱିକେଟ ହରାଇଥିଲା। ପାୱାରପ୍ଲେ ପରେ, ଭାରତୀୟ ସ୍ପିନରମାନେ ଯାଦୁର ଜାଲ ବିଛାଇ ସମସ୍ତ ୧୦ ୱିକେଟ୍ ନେଇଥିଲେ। ସାହିବଜାଦା ଫରହାନ ଫାଇନାଲରେ ୫୭ ରନର ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ, ଜସପ୍ରିତ ବୁମରାହ ଏବଂ ଅକ୍ଷର ପଟେଲ ପ୍ରତ୍ୟେକେ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

ଆରମ୍ଭରୁ ସାହିବଜାଦା ଫରହାନ ଏବଂ



ଫଖର ଜମାନଙ୍କ ଦୃଢ଼ ପ୍ରଦର୍ଶନରୁ ଲାଗୁଥିଲା ଯେପରି ଟିମ୍ ଇଣ୍ଡିଆ ଭୁଲ ନିଷ୍ପତ୍ତି ନେଇଛି। ଅଷ୍ଟମ ଓଭର ପର୍ଯ୍ୟନ୍ତ, ଫରହାନ ଏବଂ ଜମାନ ପ୍ରାୟ ୯ ରନ ହାରରେ ସ୍କୋରବୋର୍ଡକୁ ଘୁଞ୍ଚାଉଥିଲେ। ତଥାପି ୮୪ ରନ ସ୍କୋରରେ ଫରହାନଙ୍କ ୱିକେଟ ପଡ଼ିବା ମାତ୍ରେ ପାକିସ୍ତାନର ୱିକେଟ ପତନ ଆରମ୍ଭ ହୋଇଥିଲା। ଗୋଟିଏ ସମୟରେ ପାକିସ୍ତାନ ଗୋଟିଏ ୱିକେଟ୍ ହରାଇ ୧୧୩ ରନ୍ କରିଥିଲା। ପରବର୍ତ୍ତୀ *(ପୃଷ୍ଠା ୭ରେ)*

## ବିହାର ନିର୍ବାଚନ ସହ ହେବ ନୂଆପଡ଼ା ଉପନିର୍ବାଚନ




**ନୂଆଦିଲ୍ଲୀ, ୨୮।୯**

ବିହାର ବିଧାନସଭା ନିର୍ବାଚନ ସହିତ ଓଡ଼ିଶାରେ ନୂଆପଡ଼ା ବିଧାନସଭା ଉପନିର୍ବାଚନ ଅନୁଷ୍ଠିତ ହେବ। କେବଳ ଏହି ଦୁଇଟି ରାଜ୍ୟ ନୁହେଁ, ଏକକାଳୀନ ୭ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଉପନିର୍ବାଚନ ହେବ। ନିର୍ବାଚନ ଲାଗି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ନେଇ ଇସିଆଇ(ଭାରତ ନିର୍ବାଚନ ଆୟୋଗ)ଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିହାର ନିର୍ବାଚନ ପାଇଁ ଆସନ୍ତା ମାସରେ ଅର୍ଥାତ ଅକ୍ଟୋବରରେ ନିର୍ବାଚନ ଆୟୋଗ ତାରିଖ ଘୋଷଣା କରିବାର ସମ୍ଭାବନା ରହିଛି। ରାଜସ୍ଥାନ, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ପଞ୍ଜାବ, ମିଜୋରମ, ଜମ୍ମୁ-କଶ୍ମୀରରେ ଉପନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଲାଗି ୪୭୦ *(ପୃଷ୍ଠା ୭ରେ)*

## ସୀମାନ୍ତରେ ୩ ନକ୍ସଲ ନିପାତ

**ମାଲକାନଗିରି, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ପୁଣି ନକ୍ସଲ-ପୁଲିସ ମୁହାଁମୁହିଁ ହୋଇଛନ୍ତି। ଏହି ଏନକାଉଣ୍ଟରରେ ଜଣେ ମହିଳା ନକ୍ସଲ ସମେତ ୩ ଜଣ ନକ୍ସଲ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମୁଣ୍ଡରେ ୧୪ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ପୁଲିସ କହିଛି। କାଙ୍କେର ଜିଲ୍ଲା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲେ ଯେ କାଙ୍କେର ଥାନା ଅଞ୍ଚଳର ଛନ୍ଦଖଡକ ଜଙ୍ଗଲରେ ନକ୍ସଲ କ୍ୟାମ୍ପ କରି ରହିଛନ୍ତି। ତୁରନ୍ତ ଜିଲ୍ଲା ପୁଲିସ, ଡିଆରଜି ଏବଂ ବିଏସଏଫ ଯବାନ ସେହି ଅଞ୍ଚଳକୁ ଗସ୍ତ କରିଥିଲେ।

ରବିବାର ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଲାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ରହିରହି ନକ୍ସଲ ଗୁଳି ଚଳାଉଥିଲେ। *(ପୃଷ୍ଠା ୭ରେ)*

# ଗୋବିନ୍ଦ ସାହୁଙ୍କ ପରିବାର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ

**ଭୁବନେଶ୍ୱର, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ସ୍କୁଲର ପୃଷ୍ଠପୋଷକ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ପତ୍ନୀ ଓ ଝିଅ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସ ଭବନରେ ଭେଟିଛନ୍ତି। ସେମାନେ ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସନ୍ଦେହ ପ୍ରକାଶ କରି ଏହାର ପୁନଃ ତଦନ୍ତ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ *(ପୃଷ୍ଠା ୭ରେ)*



### ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର ୪ର୍ଥ ଅଧିବେଶନ

# ବାଣିଜ୍ୟିକ ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର ଦ୍ୱିତୀୟ ଦିନର ଚତୁର୍ଥ ଅଧିବେଶନରେ କମର୍ସିଆଲ୍ କୋର୍ଟ୍ସ ଆଇନ୍ ଅନ୍ତର୍ଗତ ବାଣିଜ୍ୟିକ ବିବାଦରେ ମଧ୍ୟସ୍ଥତା ଉପରେ ଆଲୋଚନା କରାଯାଇଥିଲା ।

ଏହି ଅଧିବେଶନରେ ସୁପ୍ରିମ୍ କୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଜେ. କେ ମାହେଶ୍ୱରୀ ଅଧ୍ୟକ୍ଷତା କରିଥିବା ବେଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଦେବେନ୍ଦ୍ର କୁମାର ଉପାଧ୍ୟାୟ , ଜମ୍ମୁ ଏବଂ କଶ୍ମୀର ତଥା ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଅରୁଣ ପଲ୍ଲୀ ସହ-ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଶିଷ୍ଟ ପ୍ୟାନେଲିଷ୍ଟ ଭାବେ ନ୍ୟାୟମୂର୍ତ୍ତି ତର୍ଲୋକ ସିଂ ଚୌହାନ, ମୁଖ୍ୟ ବିଚାରପତି, ଝାରଖଣ୍ଡ ହାଇକୋର୍ଟ, ନ୍ୟାୟମୂର୍ତ୍ତି ପି. ସାମ କୋଶୀ, ନ୍ୟାୟାଧୀଶ, ତେଲେଙ୍ଗାନା ହାଇକୋର୍ଟ, ନ୍ୟାୟମୂର୍ତ୍ତି ଗିରୀଶ କୁଲକର୍ଣ୍ଣି , ନ୍ୟାୟାଧୀଶ, ବମ୍ବେ ହାଇକୋର୍ଟ, ଅର୍ଚ୍ଚନା ପାଠକ ଡାଭେ , ଅତିରିକ୍ତ ସଲିସିଟର୍ ଜେନେରାଲ୍, ସୁପ୍ରିମ୍ କୋର୍ଟ ଏବଂ କେ .ଗୋପାଳକ୍ରିଷ୍ଣ କୁରୁପ, ଆଡଭୋକେଟ୍ *(ପୃଷ୍ଠା ୭ରେ)*

# ସହରୀ ନକ୍ସଲ ଦମ୍ପତିଙ୍କୁ ଗିରଫ କଲା ପୁଲିସ

**ମାଲକାନଗିରି, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ସୀମାନ୍ତ ଛତିଶଗଡ଼ର ରାଜଧାନୀରୁ ପୁଲିସ ଏକ ସହରୀ ନକ୍ସଲ ଦମ୍ପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଲଗାତାର ପୁଲିସ ନକ୍ସଲ ଦମନରେ ବିଭିନ୍ନ ଦିଗକୁ ନେଇ ଅପରେସନ କରିବା ସହ ସହରୀ ଏବଂ ଜଙ୍ଗଲି ନେଟୱାର୍କକୁ ସଜାଗ ରଖିଛି। ଏହିକ୍ରମରେ ରାୟପୁର ଠାରେ ଦୀର୍ଘ ଦିନ ଧରି ନକ୍ସଲ ଦମ୍ପତି ବିଭିନ୍ନ ସ୍ଥାନରେ ଭଡା ନେଇ



ରହୁଥିଲେ। ଏମାନେ ହେଲେ ଜଗ୍‌ଗୁ ଓରଫ ରମେଶ ଏବଂ ତାଙ୍କ ପତ୍ନୀ କମଲା। ଏମାନେ ବିଜାପୁର ଜିଲ୍ଲାର ବୋଲି ପୁଲିସ ଜାଣିବାକୁ ପାଇଛି। ଏମାନେ ଫେକ ଆଧାର କାର୍ଡ କରି ସହରରେ ରହୁଥିଲେ। *(ପୃଷ୍ଠା ୭ରେ)*

# ସେତୁ ସ୍ଥାନ ନିକଟରେ ବାଲି ଖନନ ନିଷେଧ

**ଭୁବନେଶ୍ୱର, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ସେତୁ ସ୍ଥାନ ନିକଟରେ ବାଲି ଖନନ ନିଷେଧ । ସମସ୍ତ ଜିଲ୍ଲାପାଳଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚିଠି ହୋଇଛି । ସେତୁ ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରେ ବାଲି ଖନନ ଯୋଗୁଁ ନିର୍ମାଣଗତ ଅସୁବିଧା ସୃଷ୍ଟି ହୋଇଛି ଏବଂ କିଛି ଗୁରୁତର କ୍ଷେତ୍ରରେ ସେତୁ ଭୁଶୁଡି ପଡୁଥିବା ଚିଠିରେ ଉଲ୍ଲେଖ ରହିଛି । ନଦୀ ପ୍ରସ୍ଥର ଅତି କମରେ ୬ ଗୁଣ ଲମ୍ବ କିମ୍ବା ସର୍ବନିମ୍ନ ୩୦୦ ମିଟର ପର୍ଯ୍ୟନ୍ତ ବାଲି ଖନନ, ଯାହା ଅଧିକ, ଅନୁମତି ଦିଆଯିବା ଉଚିତ୍ ନୁହେଁ। ଏହି ଅଞ୍ଚଳକୁ



ନିଷିଦ୍ଧ ଅଞ୍ଚଳ ଭାବରେ ଘୋଷଣା କରାଯିବା ଉଚିତ।

ରେଳ ବିଭାଗର ଲିଖିତ ଅନୁମତି ଅନୁଯାୟୀ ଏବଂ ଜାତୀୟ ରାଜପଥ, ରାଜ୍ୟ ରାଜପଥ କିମ୍ବା କୌଣସି ଜଳଭଣ୍ଡାର କ୍ଷେତ୍ରରେ, କଲେକ୍ଟରଙ୍କ ପୂର୍ବ ଅନୁମତି ଅନୁଯାୟୀ ଯେକୌଣସି ସ୍ଥାନରେ କୌଣସି ପ୍ରୋସ୍ପେକ୍ଟିଂ କାର୍ଯ୍ୟ କରିବେ ନାହିଁ କିମ୍ବା କରିବାକୁ ଅନୁମତି ଦେବେ ନାହିଁ । କଲେକ୍ଟରଙ୍କ ପୂର୍ବ ଅନୁମତି ଅନୁଯାୟୀ ଯେକୌଣସି ଟାଙ୍କି, କେନାଲ, ରାସ୍ତା (ଜାତୀୟ କିମ୍ବା ରାଜ୍ୟ ରାଜପଥ କିମ୍ବା ଅନ୍ୟାନ୍ୟ ସାର୍ବଜନୀନ କୋଠା କିମ୍ବା ବାସସ୍ଥାନ ଠାରୁ ପଚାଶ ମିଟର ସେତୁ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ଏବଂ ସମ୍ଭାବ୍ୟ ଢାଞ୍ଚାଗତ କ୍ଷତିକୁ ରୋକିବା ପାଇଁ ଉପର ଏବଂ ତଳ ପାର୍ଶ୍ୱରେ ସେତୁ ସ୍ଥାନଗୁଡ଼ିକର ନିକଟତର ବାଲି ଖଣି ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ସ୍କୁଟି ଉପରେ ମାଡ଼ିଗଲା ହାଇୱା ଚାଲିଗଲା ୨ ଜୀବନ

**ବରଗଡ, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ସହର ଗୁରୁଦ୍ୱାର ଛକରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଶିଶୁ ଆହତ ହୋଇଥିବା ସୂଚନା ମିଳିଛି। ମୃତାହତଙ୍କ ପରିଚୟ ମିଳିପାରି ନାହିଁ। ଏକ ସ୍କୁଟିରେ ଯାଉଥିବା ସମୟରେ ଅନ୍ୟ ଏକ ହାଇୱା ଗାଡି ତାଙ୍କ ଉପରେ ମାଡ଼ି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

# ଭାରତର ତିନି ରାଜ୍ୟର ଲୋକେ ସଂପୂର୍ଣ୍ଣ ଶିକ୍ଷିତ



**ନୂଆଦିଲ୍ଲୀ, ୨୮।୯**

ମିଜୋରାମ, ଗୋଆ ଓ ତ୍ରିପୁରା ଦୀର୍ଘ ବର୍ଷର ସରକାରୀ ଉଦ୍ୟମ, ସମୁଦାୟର ସକ୍ରିୟ ଅଂଶଗ୍ରହଣ ଏବଂ ଆଧୁନିକ ଟେକ୍ନୋଲୋଜି-ଆଧାରିତ ଶିକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ସାକ୍ଷରତା ହାସଲ କରିଛନ୍ତି। କେନ୍ଦ୍ର ସରକାରଙ୍କ ନୂଆ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଏହି ରାଜ୍ୟଗୁଡ଼ିକୁ ପୂର୍ଣ୍ଣ ସାକ୍ଷରତା ହାସଲ କରିବାରେ ଚୂଡ଼ାନ୍ତ ପ୍ରେରଣା ଯୋଗାଇଛି। ଏହି କାର୍ଯ୍ୟକ୍ରମ କେବଳ ମୌଳିକ ପଢ଼ିବା-ଲେଖିବା ନୁହେଁ, ବରଂ କାର୍ଯ୍ୟକ୍ଷମ ସାକ୍ଷରତା ଉପରେ ଗୁରୁତ୍ୱ ଦେଇଛି, ଯାହା ଡିଜିଟାଲ ଓ ଆର୍ଥିକ ଦକ୍ଷତାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ।

ମିଜୋରାମ ମେ' ୨୦୨୫ରେ ୟୁଏଲଏଲ୍ଏଏସ୍ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ଘୋଷିତ ହୋଇଛି, ଯାହା ୯୮.୨% ସାକ୍ଷରତା ହାର ହାସଲ କରିଛି। ଦଶନ୍ଧି ଧରି ଚାଲିଥିବା ଶିକ୍ଷା ଉପରେ ନିବେଶ ଏବଂ ସମୁଦାୟ-ଆଧାରିତ ମଡେଲ ଏହାର ସଫଳତାର ମୂଳ ଆଧାର। ସରକାରୀ ନିର୍ଦ୍ଦେଶ ଉପରେ ନିର୍ଭର ନକରି, ସ୍ଥାନୀୟ ସମୁଦାୟଙ୍କ ସହଯୋଗରେ ଶିକ୍ଷା କାର୍ଯ୍ୟକ୍ରମ ପରିଚାଳିତ ହୋଇଛି। ମିଜୋ ଭାଷାରେ ଶିକ୍ଷା ଓ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ବ୍ୟବହାର ସାକ୍ଷରତାକୁ *(ପୃଷ୍ଠା ୭ରେ)*

## ଆଗାମୀ ୩ ଦିନ ପାଇଁ ବଜ୍ରପାତ ଓ ପବନ ନେଇ ୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୨୮।୯**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୩ ଦିନ ରାଜ୍ୟର କେତେକ ସ୍ଥାନରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ପରବର୍ତ୍ତୀ ୨ ଦିନ କେତେକ ସ୍ଥାନରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନର ସମ୍ଭାବନା ରହିଛି । ଷଷ୍ଠ ଦିନ କେତେକ ସ୍ଥାନରେ ଭୀଷଣ ବର୍ଷା ନେଇ ଚେତାବନୀ ରହିଥିବା ବେଳେ ସପ୍ତମ ଦିନ ପାଇଁ କୌଣସି ଚେତାବନୀ ନାହିଁ ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ରାଜ୍ୟର ସମସ୍ତ



୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ।

ସୋମବାରରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୩୦ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ସେପ୍ଟେମ୍ବର ୨୦୨୫ ସୋମବାର





## ରାଜଧାନୀରେ ୬ ବର୍ଷରେ ୭୯ଟି ସେକ୍ସ ରାକେଟ ଠାବ : କମିଶନର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ସ୍ପାରେ ଯୌନଶୋଷଣ ମାମଲା ସାମ୍ନାକୁ ଆସିବା ପରେ ଆକ୍ସନ ମୋଡରେ କମିଶନରେଟ ପୋଲିସ । ରାଜଧାନୀରେ ଥିବା ବିଭିନ୍ନ ସ୍ପା ଓ ପାର୍ଲରରେ ହୋଇଛି ଚଢ଼ଉ । ରୁଟିନ୍ ଚେକ୍ ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ଡିସିପିଙ୍କ ନିର୍ଦ୍ଦେଶ । ଭୁବନେଶ୍ୱର ରବି ଟକିଜ ଛକରେ ଏକ ସ୍ପାରେ ଯୌନ ଶୋଷଣ ମାମଲା ସାମ୍ନାକୁ ଆସିବା ପରେ କମିଶନରେଟ ପୋଲିସ ଏଭଳି ପଦକ୍ଷେପ ନେଇଛି । ରବିଟକିଜ ଅଞ୍ଚଳରେ ଏକ ସ୍ପାରୁ ଏଭଳି ଅଭିଯୋଗ ଆସିବା ପରେ ପୋଲିସ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଅନେକ ଆପତ୍ତିଜନକ ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଛି । ଯାହା ଅଭିଯୋଗ ହୋଇଛି, ଚାକିରି ଆଳରେ ଯୁବତୀଙ୍କୁ ଆଣି ସ୍ପା ମାଲିକ ସେମାନଙ୍କୁ ଅନୈତିକ କାର୍ଯ୍ୟରେ ଲଗାଉଥିଲେ । ମାମଲାର ତଦନ୍ତ କରି ସ୍ପା ମାଲିକାଣିଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି ପୋଲିସ । କିଛି ଦିନ ତଳେ ଖାରବେଳନଗରରେ ଏକ ଆୟୁର୍ବେଦିକ ସେଣ୍ଟରରେ ଚଢ଼ାଉ କରି ସେକ୍ସ ରାକେଟ ଠାବ କରିଥିଲା ପୋଲିସ । ରେକର୍ଡ ଅନୁସାରେ ୬ ବର୍ଷରେ ରାଜଧାନୀରେ ଏଭଳି ୭୯ଟି ସେକ୍ସ ରାକେଟ ଠାବ ହୋଇସାରିଲାଣି । ସମ୍ପ୍ରତି ରାଜଧାନୀରେ ଯେତେ ସବୁ ସ୍ପା ରହିଛି, ସେସବୁର ଡାଟାବେସ୍ ରଖିବାକୁ ଡିସିପି ଶ୍ରୀ ମିଶ୍ର ସବୁ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । କମିସନରେଟ୍ ପୁଲିସର ସମସ୍ତ ଥାନା ନିଜ ନିଜ ଅଞ୍ଚଳରେ ବେପାର କରୁଥିବା ସ୍ପାଗୁଡ଼ିକର ତଥ୍ୟ ରଖିବେ । ସେଠାରେ କାମ କରୁଥିବା ମହିଳା ଓ ପୁରୁଷ କର୍ମଚାରୀମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ପୁଲିସ ରେକର୍ଡରେ ରହିବ । ଫଳରେ ଏହା ଉଭୟ ସ୍ପା ମାଲିକ ଓ କର୍ମଚାରୀଙ୍କ ଭବିଷ୍ୟତ ପାଇଁ ଭଲ ହେବ । କେବଳ ସ୍ପା ନୁହେଁ, ପାର୍ଲରଗୁଡ଼ିକ ମଧ୍ୟ ପୁଲିସର ଏହି ନିର୍ଦ୍ଦେଶ ମାନିବାକୁ ବାଧ୍ୟ । ସମ୍ପ୍ରତି ରାଜଧାନୀର କଳେବର ବଢ଼ୁଛି ଏବଂ ଛତୁ ଫୁଟିବା ଭଳି ସ୍ପା ତଥା ମାସାଜ୍ ସେଣ୍ଟର ଗଢ଼ିଉଠୁଛି । ଗଳିକନ୍ଦିରେ ସ୍ପା ଖୋଲି ଯୁବତୀଙ୍କୁ ଅନୈତିକ କାମରେ ନିୟୋଜିତ କରାଯାଉଛି । ଅଭିଯୋଗ ଆସିବା ପରେ ହିଁ କିଛିର ଖୁଲାସା ହେଉଛି ସିନା ବହୁତ ମାମଲା ରଫାଦଫା ହୋଇଯାଉଛି । ଆଖିରେ ଆଙ୍ଗୁଠି ଗେଞ୍ଜି ଏଭଳି ଅନୈତିକ କାରବାର ଚାଲିଛି । ଏଥିରେ ଅଙ୍କୁଶ ଲାଗିବା ଜରୁରି । ତେଣୁ ଡିସିପି ଶ୍ରୀ ମିଶ୍ର ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଜରିଆରେ ରାଜଧାନୀର ସମସ୍ତ ସ୍ପା ଓ ପାର୍ଲରଗୁଡ଼ିକୁ ସ୍କାନରରେ ରଖିବାକୁ ଯୋଜନା କରିଛନ୍ତି । ଆଜି ଡିସିପିଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମିଳିଛି । ଅନେକ ଲୋକ ଏହାକୁ ସ୍ୱାଗତ କରିଛନ୍ତି ।

### ଜଳ ଜୀବନ ମିଶନ୍‌ରେ ସାମନାକୁ ଆସିଲା ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ

## ଗ୍ରାମୀଣ ଅଞ୍ଚଳରେ ପାଣିର କନେକ୍ସନରେ ୫ ଗୁଣା ବୃଦ୍ଧି

**ନୂଆଦିଲ୍ଲୀ,**

ଗତ ୫ ବର୍ଷରେ ଭାରତରେ ଗ୍ରାମୀଣ ପରିବାର ପାଇଁ ନଳ ପାଣିର କନେକ୍ସନରେ ୫ ଗୁଣା ବୃଦ୍ଧି ଦେଖିବାକୁ ମିଳିଛି । ଏସବିଆଇ ଏକ ରିପୋର୍ଟ ଜାରି କରି ଏହାର ସୂଚନା ଦେଇଛି । ରିପୋର୍ଟରେ ଏହି ପ୍ରଗତିର ଶ୍ରେୟ ଜଳ ଜୀବନ ମିଶନ୍ (ଜେଜେଏମ୍)କୁ ଦିଆଯାଇଛି । ଏହି ମିଶନ୍‌ର ଆରମ୍ଭ ୧୫ ଅଗଷ୍ଟ ୨୦୧୯ ରେ କରାଯାଇଥିଲା । ଏହାର ଏକମାତ୍ର ଲକ୍ଷ୍ୟ ୨୦୨୪ ପର୍ଯ୍ୟନ୍ତ ଗ୍ରାମୀଣ ଅଞ୍ଚଳର ପ୍ରତ୍ୟେକ ଘରେ ନଳ ପାଣି ଉପଲବ୍ଧ



କରିବା । ରିପୋର୍ଟ ଅନୁସାରେ, ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ନଳ କନେକ୍ସନ କରିଥିବା ଗ୍ରାମୀଣ ପରିବାରର ସଂଖ୍ୟା ବଢ଼ି ୧୫.୨୦ କୋଟି ହୋଇଯାଇଛି । ଜେଜେଏମ୍‌ର ଲଞ୍ଚ ବେଳେ କେବଳ ୩.୨୩ ଗ୍ରାମୀଣ ପରିବାର ନିକଟରେ ନଳ ପାଣି କନେକ୍ସନ ଥିଲା, କିନ୍ତୁ ବର୍ତ୍ତମାନ ସମୟରେ ଏଥିରେ ୫ଗୁଣା ବୃଦ୍ଧି ହୋଇଛି । ରିପୋର୍ଟରେ କୁହାଯାଇଛି, ୧୦ ଅକ୍ଟୋବର ୨୦୧୪ ପର୍ଯ୍ୟନ୍ତ ଜେଜେଏମ୍ ଅନୁସାରେ. ୧୧.୯୬ ଅତିରିକ୍ତ ଘରକୁ ନଳର ନକ୍ସେନ ପ୍ରଦାନ କରାଯାଇଥିଲା । ଏହା ସହ ଏବେ ବର୍ତ୍ତମାନ ସମୟରେ ୧୫.୨୦ କୋଟି ଗ୍ରାମୀଣ ପରିବାର ନଳର କନେକ୍ସନର ଲାଭ ଉଠାଉଛନ୍ତି । ଗତ ୫ ବର୍ଷରେ ଏହି ମିସନ୍‌ର ଖୁବ୍ ଲାଭ ହୋଇଛି । ଏହାର ଉଦ୍ଦେଶ୍ୟ ୨୦୨୪ ପର୍ଯ୍ୟନ୍ତ ୧୯.୩୪ କୋଟି ପରିବାରକୁ ନଳର କନେକ୍ସନ ମିଳିବ । ଉଲ୍ଲେଖନୀୟ ଯେ, ଗ୍ରାମୀଣ ଅଞ୍ଚଳର ଲୋକଙ୍କ ପର୍ଯ୍ୟନ୍ତ ପିଇବା ଯୋଗ୍ୟ ପାଣି ପହଞ୍ଚିବା କାରଣରୁ ଜୀବନର ଗୁଣବତ୍ତାରେ ଖୁବ୍ ସୁଧାର ହୋଇଛି । ଫଳରେ ସ୍ୱାସ୍ଥ୍ୟ ପରିଣାମରେ ସୁଧାର ହୋଇଛି ଓ ସ୍ୱସ୍ଥ ପାଣି କାରଣରୁ ଜଳରୁ ହେଉଥିବା ବିପଦ କମ୍ ହୋଇଯାଉଛି ।

## ଲଘୁ ଖଣିଜ ପଦାର୍ଥ ଲୁଟୁଛନ୍ତି ମାଫିଆ: ଦିନରାତି ଚାଲିଛି ମୋରମ୍

**ଜଟଣୀ, ନ୍ୟୁଜ ବ୍ୟୁରୋ**

ଜଟଣୀ ତହସିଲ ଅଞ୍ଚଳରେ ବେଧଡ଼କ ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ । ସରକାରୀ ଜମିରୁ ମାଫିଆମାନେ ମାଙ୍କଡ଼ା ପଥର ଓ ମୋରମ୍ ତାଡ଼ି ଚାଲାଣ କରୁଛନ୍ତି । ଏହି ଚୋରା କାରବାର ଯୋଗୁ ମାଫିଆମାନେ ମାଲାମାଲ୍ ହେଉଥିବା ବେଳେ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ହେଉଛି । କେବଳ ସେତିକି ନୁହେଁ, ଖଣି ଖନନ ଫଳରେ ଅଞ୍ଚଳବାସୀ ମଧ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧୂଳିଧୂଆଁରେ ଜୀବନ ଅସ୍ତବ୍ୟସ୍ତ ହେଉଛି । ଏଥିସହ ଜୀବଜନ୍ତୁ ଖଣିରେ ପଡ଼ି ମରୁଛନ୍ତି । ଖଣି ମାଫିଆଙ୍କ ଭୟରେ ଅଞ୍ଚଳବାସୀ ମୁହଁ ଖୋଲି ପାରୁନଥିବା ବେଳେ ପୁଲିସ ଓ ପ୍ରଶାସନର ଜାଣତରେ ଖଣି ଲୁଟ୍ ହେଉଥିବା ମଧ୍ୟ କେତେକ କହିଛନ୍ତି । ଅନ୍ୟପଟେ ପ୍ରଶାସନ



ଲୋକଦେଖାଣିଆ ଚଢ଼ଉ କରି ଚୁପ୍ ବସୁଥିବା ଅଭିଯୋଗ ହେଉଛି । ତହସିଲ ଅଞ୍ଚଳର କଣ୍ଡିଆ, କୁସୁମାଟି, ପାଣିଓରା, ଅରୁଗୁଳ, ଗୋପୀନାଥପୁର, ପିତାପଲ୍ଲୀ, ରଥିପୁର, ତିରିମଲ, ପଦନପୁର, ଷଣ୍ଢପୁର ଆଦି ଅଞ୍ଚଳରେ ୧୦୦ରୁ ଅଧିକ ସ୍ଥାନରେ ବେଧଡ଼କ ଭାବେ ଖଣି ଖନନ ଚାଲିଛି । ମଝିରେ ମଝିରେ ତହସିଲ କର୍ତ୍ତୃପକ୍ଷ ଅତର୍କିତ ଚଢ଼ଉ କରି ହାଇଓ୍ୱା, ଜେସିବି ଓ ପାଓ୍ୱାର ଟିଲର୍ ଜବତ କରୁଛନ୍ତି । ହେଲେ ମାଫିଆମାନେ ଖସିଯାଉଛନ୍ତି । ପରେ ଗାଡ଼ିମାଲିକମାନେ ଜରିମାନା ଦେଇ ଗାଡ଼ି ସବୁକୁ ମୁକୁଳାଇ ନେଉଛନ୍ତି । ଗତ ୫ ମାସ ଭିତରେ ପୁଲିସ ଓ ତହସିଲ ପ୍ରଶାସନ ଯେଉଁ ସବୁ ସ୍ଥାନରେ ଚଢ଼ଉ କରି ଖଣି ଖନନ ବନ୍ଦ କରିଥିଲା, ସେଠାରେ ପୁଣି ପୂର୍ବଭଳି ବେଧଡ଼କ ମାଙ୍କଡ଼ାପଥର ଓ ମୋରମ ଖୋଳା ଚାଲିଥିବା ଅଭିଯୋଗ ହୋଇଛି । ସନ୍ଧ୍ୟାରୁ ଆରମ୍ଭ ହୋଇ ଭୋର୍ ପର୍ଯ୍ୟନ୍ତ ମାଫିଆମାନଙ୍କ ଏହି କାର୍ଯ୍ୟ ଚାଲୁଛି । ମୋରମ୍ ବା ପଥର ବୋହୁଥିବା ହାଇଓ୍ୱା ଗୁଡ଼ିକ ଏତେ ଦ୍ରୁତବେଗରେ ଯାଉଛନ୍ତି ଯେ ସେମାନଙ୍କୁ ଅଟକାଇବା ଅର୍ଥ ମରଣକୁ ବରଣ କରିବା । ସେହିଭଳି ମାଫିଆମାନେ ବେଶ୍ ପ୍ରଭାବଶାଳୀ ହୋଇଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କ ସମ୍ମୁଖରେ ପ୍ରତିବାଦ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି । କେବଳ ପୁଲିସ ପ୍ରଶାସନ ଚାହିଁଲେ ଖଣି ଖୋଳା ବନ୍ଦ ସମ୍ଭବ ହୋଇପାରିବ । ତେଣୁ ଜିଲ୍ଲା ପ୍ରଶାସନ ଏଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଛିଡୁନି ପାର୍ଟ ପ୍ଲଟ୍ ପଞ୍ଜୀକରଣ ଅଡୁଆ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପାର୍ଟପ୍ଲଟ୍ ପଞ୍ଜୀକରଣକୁ ନେଇ ରାଜ୍ୟର ବିଭିନ୍ନ ସବ୍‌ରେଜିଷ୍ଟ୍ରାର ଅଫିସରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅଚଳାବସ୍ଥା ଜାରି ରହିଛି । ନିଜ ଜମି ହୋଇ ବି ଜମି ମାଲିକମାନେ ଜରୁରୀକାଳୀନ ସ୍ଥିତିରେ ଆଂଶିକ ଜମି ବିକ୍ରିରୁ ବଞ୍ଚିତ ହେଉଛନ୍ତି । ଏ ନେଇ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ପାର୍ଟପ୍ଲଟ୍ ବିକ୍ରିରେ ଜଟିଳ ନିୟମ ଓ ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖୀ କାର୍ଯ୍ୟକଳାପ କାରଣରୁ ପଞ୍ଜୀକରଣ ପ୍ରକ୍ରିୟା ପ୍ରଭାବିତ ହୋଇଛି । ଏ ବାବଦରେ ସରକାର ବର୍ଷକରେ ପ୍ରାୟ ୫୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିଲେଣି ବୋଲି ଓଡ଼ିଶା ବିକାଶ ଅଭିଯାନ ଆଜି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି । ମାସେ ଭିତରେ ପାର୍ଟପ୍ଲଟ୍ ପଞ୍ଜୀକରଣ ସମସ୍ୟା ଦୂର ନ ହେଲେ, ସଂଗଠନ ରାଜ୍ୟର ସବୁ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଓଡ଼ିଶା ବିକାଶ ଅଭିଯାନର ମ୍ୟାନେଜିଂ ଟ୍ରଷ୍ଟି ପ୍ରଦୀପ କୁମାର ସାହୁ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି, ସମ୍ପତ୍ତିଗତ ଅଧିକାର ଏକ ସାମ୍ବିଧାନିକ ଅଧିକାର । ସରକାର ପାର୍ଟପ୍ଲଟ୍ କିଣାବିକାକୁ ବନ୍ଦ କରି ସାଧାରଣ ଲୋକଙ୍କର ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି । ପାର୍ଟପ୍ଲଟ୍ କିଣାବିକା ନହେବା କାରଣରୁ ରିୟଲ୍ ଇଷ୍ଟେଟ୍ ସେକ୍ଟର୍ ଓ ଏହା ସହିତ ଜଡ଼ିତ ଅନ୍ୟାନ୍ୟ ସେକ୍ଟର ବାଧାପ୍ରାପ୍ତ ହେଉଛି । ଶ୍ରୀ ସାହୁ କହିଛନ୍ତି, ଲୋକମାନେ ନିଜର ପୁଅ-ଝିଅ ବାହାଘର, ଗୃହ ନିର୍ମାଣ, ପାଠପଢ଼ା ଓ ଡାକ୍ତରଖାନା ଖର୍ଚ୍ଚ ପାଇଁ ନିଜର ଜମି ବିକ୍ରି କରିଥାନ୍ତି । ଜମିର କେତେ ଅଂଶ ବିକିବେ, ନିଜେ ସ୍ଥିର କରିଥାନ୍ତି । କିନ୍ତୁ ନୂଆ ନିୟମରେ ଲୋକଙ୍କ ବଦଳରେ ସରକାର ସଂପୃକ୍ତ ଜମି ମାଲିକ କେତେ ଜମି ବିକ୍ରି କରିବେ ସ୍ଥିର କରିବେ । ସବ୍‌ରେଜିଷ୍ଟ୍ରାର ଉଭୟ ପକ୍ଷଙ୍କର ପରିଚୟ ସହ ଷ୍ଟାମ୍ପ ଡ୍ୟୁଟି ଓ ସରକାରୀ ଦେୟ ଯାଞ୍ଚ କରି ଦଲିଲ୍‌ଟିକୁ ପଞ୍ଜୀକରଣ କରିବେ । କିନ୍ତୁ ରାଜ୍ୟ ସରକାର ୨୦୧୩ ମସିହାରେ ଜମିବାଡ଼ି ପଞ୍ଜୀକରଣ ପାଇଁ ଭାରତ ପଞ୍ଜୀକରଣ ଆଇନ-୧୯୦୮ରେ ସଂଶୋଧନ ଆଣି ଧାରା ୨୨ କ(୧)(ଗ) ମାଧ୍ୟମରେ ସବ୍‌ରେଜିଷ୍ଟ୍ରାରଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥିଲେ । ଏହି ସଂଶୋଧିତ ଆଇନ ୨୦୧୪ରୁ ପ୍ରଣୀତ ଥିଲେ ବି ବାସ୍ତବ କ୍ଷେତ୍ରରେ ଲାଗୁ କରାଯାଇ ନଥିଲା । ଦୁଇ ବର୍ଷ ତଳେ ସବ୍‌ରେଜିଷ୍ଟ୍ରାରମାନେ ଏହି ଆଇନକୁ ଆଳ କରି ସାଧାରଣ ଲୋକଙ୍କ ଜମି ପଞ୍ଜୀକରଣ କରିବାକୁ ମନା କରିବା ସହ ଏହାକୁ ଅସ୍ତ୍ର କରି ଦୁର୍ନୀତି ଆରମ୍ଭ କରି ଦେଇଥିଲେ । ୨୦୨୪ ସେପ୍ଟେମ୍ବରରେ ଓଡ଼ିଶା ବିକାଶ ଅଭିଯାନ ଏହି ସମସ୍ୟାକୁ ସରକାରଙ୍କ ନଜରକୁ ଆଣିଥିଲା ଓ ୨୦୧୩ ମସିହା ସଂଶୋଧିତ ଆଇନକୁ ଉଚ୍ଛେଦ ନିବେଦନ କରିଥିଲା । ଏହାର ବିଚାର ବଦଳରେ ରାଜସ୍ୱ ବିଭାଗ ନିଜ ଦୋଷକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମୁଣ୍ଡରେ ବୋଳି ଓଡିଏ(ପ୍ଲାନିଂ ଆଣ୍ଡ୍ ବିଲ୍ଡିଂ ଷ୍ଟାଣ୍ଡାର୍ଡ) ଦ୍ୱିତୀୟ ସଂଶୋଧିତ ଆଇନ-୨୦୧୫ ଆଣି ଏହି ସମସ୍ୟାକୁ ଅଧିକ ଜଟିଳ କରି ଦେଇଛନ୍ତି । ଏହି ଆଇନ ଅନୁଯାୟୀ ଜଣେ ଚାଷୀ ନିଜର ଚାଷ ଜମିର କିଛି ଅଂଶ ବିକିଲେ, ତାହା ଭବିଷ୍ୟତରେ ଘରବାରି ହୋଇପାରିବ ନାହିଁ । ସବୁଦିନ ପାଇଁ ଚାଷ ଜମି ହିସାବରେ ବ୍ୟବହୃତ ହେବ । ଯୌଥ ସମ୍ପତ୍ତି ଆଂଶିକ ଭାବେ ବିକ୍ରି ହୋଇପାରିବନି ।

## କ୍ୟାପିଟାଲ ହସ୍ପିଟାଲ: ରୋଗୀ ସେବାରେ ବାଧକ କର୍ମଚାରୀ ଅଭାବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ପ୍ରମୁଖ ସରକାରୀ ଡାକ୍ତରଖାନା କ୍ୟାପିଟାଲ ହସ୍ପିଟାଲରେ କର୍ମଚାରୀ ଅଭାବ ଚରମ ସ୍ଥିତିରେ ପହଞ୍ଚିଛି । କର୍ମଚାରୀ ଅଭାବରୁ ରୋଗୀଙ୍କ ସମେତ ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ହଇରାଣ ହେଉଛନ୍ତି । ଲମ୍ବା ଧାଡ଼ି ଯୋଗୁଁ ରୋଗୀ ଚିକିତ୍ସାରେ ବିଳମ୍ବ ସହ କ୍ୟାବିନ ମଧ୍ୟ ବନ୍ଦ ହୋଇ ପଡ଼ିଛି । ବିଭିନ୍ନ ବିଭାଗର ନୂଆ ଭାବେ ଖୋଲି ଥିବା ୱାର୍ଡଗୁଡ଼ିକ ମଧ୍ୟ କର୍ମଚାରୀ ଅଭାବରୁ ବନ୍ଦ ହୋଇ ପଡ଼ିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କ୍ୟାପିଟାଲ ହସ୍ପିଟାଲରେ ଗତ ତିନି ମାସ ହେବ ନିର୍ଦ୍ଦେଶକ ପଦବି ଖାଲି ପଡ଼ିଛି । ଅଧୀକ୍ଷକ ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । ପ୍ରଶାସନିକ ବିଭାଗରେ ମଧ୍ୟ କର୍ମଚାରୀ ଅଭାବ ପରିଲକ୍ଷିତ ହେଉଛି । ସୂଚନାନୁସାରେ କ୍ୟାପିଟାଲ ହସ୍ପିଟାଲ ପିଜିଆଇରେ ପରିଣତ ହେବା ପରେ ରୋଗୀ ସଂଖ୍ୟା ବୃଦ୍ଧି ଘଟିଛି । ୨୦୨୧ ମସିହାରେ ଦିନକୁ ପ୍ରାୟ ୨୦୦୦ ରୋଗୀ ଆସୁଥିବା ବେଳେ ଏବେ ପ୍ରାୟ ୫୦୦୦ ରୋଗୀ ଆସୁଛନ୍ତି । ଏହାସହ ଜରୁରୀକାଳୀନ ବିଭାଗକୁ ମଧ୍ୟ ପ୍ରତିଦିନ ୧୫୦୦ରୁ ଅଧିକ ରୋଗୀ ଆସୁଛନ୍ତି । କିନ୍ତୁ ରୋଗୀ ଦେଖିବାକୁ ଆବଶ୍ୟକ ସଂଖ୍ୟାରେ ଡାକ୍ତର ନାହାନ୍ତି । କ୍ୟାପିଟାଲ ହସ୍ପିଟାଲରେ ୧୭୫ଟି ଡାକ୍ତର ପଦବି ଥିବା ବେଳେ ମାତ୍ର ୧୧୧ ଜଣ କାର୍ଯ୍ୟରତ ଅଛନ୍ତି । ସେଥିମଧ୍ୟରୁ ୯୭ ଜଣ ନିୟମିତ ଡାକ୍ତର ଥିବା ବେଳେ ୧୪ ଜଣ ଅସ୍ଥାୟୀ । ସବୁ ବିଭାଗରେ ଡାକ୍ତର ଅଭାବ ରହିଛି । ଆବଶ୍ୟକୀୟ ଡାକ୍ତର ଅଭାବ ରହିଥିବାରୁ ରୋଗୀ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେଉଛନ୍ତି । ଏହାବାଦ ଇନଡୋରରେ ମଧ୍ୟ ଡାକ୍ତର ଅଭାବରୁ ରୋଗୀ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି । ସବୁଠାରୁ ଉଦ୍‌ବେଗର ବିଷୟ, ଜରୁରୀକାଳୀନ ବିଭାଗରେ ଡାକ୍ତର ପଦବି ଖାଲି ରହିଛି । ୨୪ ଘଣ୍ଟା ଚାଲୁଥିବା ଜରୁରୀକାଳୀନ ବିଭାଗରେ ୩୪ ଜଣ ଡାକ୍ତର ରହିବା ସ୍ଥଳେ ଅଛନ୍ତି ମାତ୍ର ୬ ଜଣ ସ୍ଥାୟୀ ଡାକ୍ତର । ଆଉ ୧୪ ଜଣ ଅସ୍ଥାୟୀ ଡାକ୍ତର ନିୟୋଜିତ ରହିଛନ୍ତି । ଫଳରେ ଜରୁରୀକାଳନୀ ବିଭାଗରେ ବିଭିନ୍ନ ସିଫ୍ଟରେ ୩ ଜଣ ଡାକ୍ତର ସ୍ଥାନରେ ୨ ଜଣ ଡାକ୍ତରରେ ରୋଗୀ ସେବା ଚାଲିଛି । ଏହାବାଦ ଜରୁରୀକାଳୀନ ବିଭାଗରେ ନିୟୋଜିତ ଡାକ୍ତରମାନେ ରକ୍ତ ସଂଗ୍ରହ କ୍ୟାମ୍ପ, ଭିଭିଆଇପି ଗସ୍ତ, ବିଭିନ୍ନ ଧାରଣାସ୍ଥଳ ଆଦିରେ ଡ୍ୟୁଟିରେ ଯାଉଥିବାରୁ ଜରୁରୀକାଳୀନ ବିଭାଗରେ ସ୍ଥିତି ବିଗିଡ଼ିଯାଇଛି । ପରିସ୍ଥିତି ଏପରି ହେଉଛି ଯେ ପିଜିଆଇରୁ ଡାକ୍ତର ଓ ବିଭିନ୍ନ ବିଭାଗରୁ ଡାକ୍ତର ଆଣି କାମ ଚଳାଇ ଦିଆଯାଉଛି । ଅନ୍ୟପକ୍ଷରେ ହସ୍ପିଟାଲରେ ମଧ୍ୟ ଆବଶ୍ୟକ ମୁତାବକ ନର୍ସିଂ ଅଫିସର ନାହାନ୍ତି । ୨୧୪ ପଦବିରୁ ୫୩ଟି ଖାଲି ରହିଛି । ହସ୍ପିଟାଲରେ ସମୁଦାୟ ୭୫୦ଟି ଶଯ୍ୟା ରହିଥିବା ବେଳେ ଏହାଠାରୁ ଢେର ଅଧିକ ସଂଖ୍ୟାରେ ରୋଗୀ ଭର୍ତ୍ତି ହେଉଛନ୍ତି । ବର୍ଷା ଦିନରେ ଏହି ସଂଖ୍ୟା ୧୦୦୦ ଛୁଇଁ ଯାଉଛି । ଦୈନିକ ପ୍ରାୟ ୩୫୦ ରୋଗୀ ବିଭିନ୍ନ ୱାର୍ଡରେ ଭର୍ତ୍ତି ହେଉଛନ୍ତି । ଏତେ ରୋଗୀଙ୍କୁ ସେବା ଦେବାପାଇଁ ନର୍ସିଂ ଅଫିସରଙ୍କ ଅଭାବ ରହିଛି । ତେଣୁ ଆଉଟସୋର୍ସିଂ ନର୍ସ ଓ ବିଭିନ୍ନ ନର୍ସିଂ କଲେଜରୁ ଇଣ୍ଟର୍ଣ୍ଣସିପ୍ ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା କାମ ଚଳାଇ ଦିଆଯାଉଛି । ୱାର୍ଡରେ ରୋଗୀଙ୍କୁ ସେବା ଯୋଗାଇବାରେ ବିଳମ୍ବ ହୋଇଥିବାରୁ ବିଭିନ୍ନ ସମୟରେ ଉତ୍ତେଜନା ମଧ୍ୟ ଦେଖା ଦେଉଛି । କ୍ୟାବିନ ରହିଥିଲେ ମଧ୍ୟ ସବୁ କ୍ୟାବିନ ରୋଗୀଙ୍କୁ ଆଲଟ କରାଯାଇ ପାରୁନାହିଁ । ବିଭିନ୍ନ ବିଭାଗର ନୂତନ ଭାବେ ଇନଡୋର ୱାର୍ଡ ନିର୍ମିତ ହୋଇଛି । ହେଲେ କର୍ମଚାରୀ ଅଭାବରୁ କାର୍ଯ୍ୟକ୍ଷମ କରାଯାଇପାରୁ ନଥିବା ଜଣାପଡ଼ିଛି । ଏହାବାଦ ପ୍ରଶାସନିକ ବିଭାଗରେ ମଧ୍ୟ ବିଭିନ୍ନ ପଦବି ଖାଲି ପଡ଼ିଛି । ହସ୍ପିଟାଲରେ ଅଧାରୁ ଅଧିକ କିରାଣି ପଦ ଖାଲି ରହିଛି । ତେଣୁ ପ୍ରଶାସନିକ ବିଭାଗର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଏହାଦ୍ୱାରା ଅନ୍ୟ କର୍ମଚାରୀଙ୍କ ଉପରେ ଚାପ ବଢ଼ୁଛି । ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, କର୍ମଚାରୀ ଅଭାବ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି । ଖୁବ ଶୀଘ୍ର ପଦବି ପୂରଣ ହେବ ବୋଲି ଆଶା କରାଯାଉଛି ।

## ୨୧ରୁ ସପ୍ତାହବ୍ୟାପି ନକ୍ସଲ ପାଳିବେ ବାର୍ଷିକ ଉତ୍ସବ : ୪ ରାଜ୍ୟରେ ପ୍ରସ୍ତୁତି ଜାରି

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ନକ୍ସଲ ସଂଗଠନର କେନ୍ଦ୍ରୀୟ କମିଟିର ଶୀର୍ଷ ନେତା ଅଭୟ ୧୧ ପୃଷ୍ଠାର ଏକ ବୁକ୍‌ଲେଟ୍ ଜାରି କରିଛନ୍ତି । ଏଥିରେ ସେ କହିଛନ୍ତି ଯେ, ଆଜି ପର୍ଯ୍ୟନ୍ତ ହୋଇଥିବା କ୍ଷତି ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି । ନକ୍ସଲ ସ୍ୱୀକାର କରିଛନ୍ତି ଯେ କେନ୍ଦ୍ରୀୟ କମିଟି ଯୁଦ୍ଧ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ କରିଥିଲେ ସେହି ଅନୁସାରେ କାମ କରାନଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା । ତେଣୁ ଗତ ଏକ ବର୍ଷରେ ଦେଶରେ ପ୍ରଥମ ଥର ସଂଗଠନର ମହାସଚିବ ବାସବରାଜୁ ସମେତ ୧୭ ଜଣ କେନ୍ଦ୍ରୀୟ କମିଟିର ସଦସ୍ୟଙ୍କୁ ହରାଇବାକୁ ପଡ଼ିଛି । ବୁକ୍‌ଲେଟ୍ ଅନୁସାରେ ଆସନ୍ତା ୨୧ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ୨୧ତମ ବାର୍ଷିକ ଉତ୍ସବ ପାଳନ କରିବାକୁ କେନ୍ଦ୍ରୀୟ



କମିଟି ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ୪ ରାଜ୍ୟରେ ଜୋରଦାର ପ୍ରସ୍ତୁତି ଆରମ୍ଭ ମଧ୍ୟ ହୋଇଯାଇଛି । ଏଥିସହ ନକ୍ସଲ ବିରୋଧରେ କରାଯାଉଥିବା ସମସ୍ତ ଅପରେସନକୁ ବିଫଳ କର । ନକ୍ସଲ ଏହି ବୁକଲେଟରେ ଉଲ୍ଲେଖ କରିଛନ୍ତି ଯେ ସେମାନେ ଏକ ବଡ ଆକ୍ରମଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ସେହିପରି ବୁକଲେଟରେ ଲଗାତାର ହେଉଥିବା ଆତ୍ମସମର୍ପଣ, ଅପରେସନ-୨୦୨୬କୁ ଫେଲ୍ କରିବା ପାଇଁ ସବୁ ପ୍ରକାର ଯୋଜନା କରୁଛନ୍ତି । କାରେଗଟ୍ଟା ଜଂଗଲରେ ପୁଲିସ ସହ ଗୁଳିବିନିମୟରେ ଏକେ-୪୭ ଲୁକ କରି ନେଇଥିବା ମଧ୍ୟ କହିଛନ୍ତି । ସଂଗଠନକୁ ସେତେବେଳେ ଝଟକା ଲାଗିଥିଲା ଯେତେବେଳେ କେନ୍ଦ୍ରୀୟ କମିଟି ସଦସ୍ୟ ବାସବରାଜୁ, ଚଲପତି, ବିବେକ, ଉଦୟ, ମଧୁ, ଭେଙ୍କେଟ ନାଗେଶ୍ୱର ରାଓ, ଅରୁଣା, ଜୟ, ରୁପେଶ, ନୀତି, ଭାସ୍କର, କାର୍ତ୍ତିକ, ଚେତେ, ଗୁଡ୍ଡୁ, ସତ୍ୟମ ଆଲୋକ, ଜଂଗଲ, ବିଜୟ ସମେତ ବହୁ ନକ୍ସଲ ମୃତ୍ୟୁବରଣ କରିଥିଲେ । ପୁଣି ଜିଲ୍ଲା କମିଟି, କମ୍ପାନି କମିଟିର ୨୬ ଜଣ, ଏରିଆ କମିଟି, ପ୍ଲାଟୁନ କମିଟିର ୮୬ ଜଣ, ପିଏଲଜିଏର ୧୫୨ ସଦସ୍ୟ, ସ୍ଥାନୀୟ ମିଲିସିଆ ୩୮ ଜଣ ମଧ୍ୟ ମୃତ୍ୟୁବରଣ କରିଥିଲେ । ଏହି ବୁକଲେଟ ପ୍ରକାଶ ପାଇବା ପରେ ଚାରି ରାଜ୍ୟର ପୁଲିସ ଏବେ ସତର୍କ ହୋଇଯାଇଛି । ୨୧ ତାରିଖରୁ ବାର୍ଷିକ ଉତ୍ସବ ପାଳନ କରୁଥିବାରୁ ଚାରି ରାଜ୍ୟର ପୁଲିସ ଏହାକୁ ଗୁରୁତ୍ୱର ସହ ନେଇଛି । ଗୁଇନ୍ଦାକୁ ସତର୍କ କରାଯାଇଛି । ଅପରେସନକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି । ମାଲକାନଗିରି ପୁଲିସ ସୀମାକୁ ସିଲ କରିବା ସହ କଡା ସୁରକ୍ଷା ବ୍ୟବସ୍ଥା ନେବ ବୋଲି ଜଣାପଡିଛି ।

## ଅବକାରୀ ଚଢ଼ଉ: ୧୦ଦିନରେ ୨୨୪ ମାମଲା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପାର୍ବଣ ପୂର୍ବରୁ ରାଜ୍ୟ ସରକାରଙ୍କ ପୁଲିସ ଓ ଅବକାରୀ ବିଭାଗ ବଡ଼ଧରଣର ଅଭିଯାନ ଜାରି ରଖିଛନ୍ତି । ଓଡ଼ିଶା ପୁଲିସ ଏହି ସମୟରେ ଅପରେସନ୍ 'ପ୍ରହାର' ଜାରି ରଖିଛି । ସେହିପରି ଅବକାରୀ ବିଭାଗ ମଧ୍ୟ ରାଜ୍ୟବ୍ୟାପି ଚଢ଼ଉ କରୁଛି । ବିଗତ ୧୦ ଦିନ ମଧ୍ୟରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ କୋଟିଏ ୪୬ ଲକ୍ଷ ଟଙ୍କାର ଗଂଜେଇ ଜବତ କରିଛନ୍ତି । ଏହି ସମୟରେ ଅବକାରୀ ଟିମ୍ ୧୩୬ ଚାଲାଣକାରୀଙ୍କୁ ଗିରଫ କରିଥିବା ବେଳେ ୨୨୪ ମାମଲା ରୁଜୁ ହୋଇଛି । ଅବକାରୀ ବିଭାଗର ସ୍ପେଶାଲ ଇନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ ଅଧୀନରେ ରାଜ୍ୟବ୍ୟାପି ଅପରେସନ୍ ୧୦ଦିନରେ ପହଞ୍ଚିଛି । ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ କୋଟିଏ ୪୬ ଲକ୍ଷ ଟଙ୍କାର ଗଂଜେଇ ଜବତ କରିଛନ୍ତି । ଏହି ସମୟରେ ଅବକାରୀ ଟିମ୍ ୧୩୬ ଚାଲାଣକାରୀଙ୍କୁ ଗିରଫ କରିଥିବା ବେଳେ ୨୨୪ ମାମଲା ରୁଜୁ ହୋଇଛି । ଅବକାରୀ ବିଭାଗର ସ୍ପେଶାଲ ଇନ୍‌ଫୋର୍ସମେଣ୍ଟ ଡ୍ରାଇଭ୍ ଅଧୀନରେ ରାଜ୍ୟବ୍ୟାପି ଅପରେସନ୍ ୧୦ଦିନରେ ପହଞ୍ଚିଛି । ଅବକାରୀ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁସାରେ ନିଶା କାରବାର ମାମଲାରେ ୨୨୪ଟି ୧୩୬ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଏହି ସମୟରେ ୨୨୪ଟି ମାମଲା ରୁଜୁ ହୋଇଛି । ବ୍ୟାପକ ପରିମାଣର ଦେଶୀ, ବିଦେଶୀ ଓ ଅପମିଶ୍ରିତ ମଦ ଜବତ ହୋଇଛି । ସେହିପରି ୨୫କିଲୋ ଭାଙ୍ଗ ଓ ୩,୦୩୦ କିଲୋ ମହୁଲ ଜବତ ହୋଇଛି ।



### କଟକ ନେତାଜୀ ବସ୍ ଟର୍ମିନାଲ୍‌ରେ ସଫେଇ ଦୁର୍ନୀତି

## ବାଲ୍‌ଟି, ହ୍ୟାଣ୍ଡ୍ ୱାସ୍ ନାଁରେ ମାସକୁ ଅଧକୋଟି ଚଳୁ !

**କଟକ, ନ୍ୟୁଜ ବ୍ୟୁରୋ**

ମାସକୁ ଟଏଲେଟ୍ ପେପର ୧୦ ପ୍ୟାକେଟ୍ । ଟିସୁ ପେପର ୧୫ ପ୍ୟାକେଟ୍ । ୭୦ରୁ ୧୦୦ ଲିଟର ହ୍ୟାଣ୍ଡ ୱାସ୍ । ଏହା ବାଦ୍ କ୍ଲିନର ଓ ଅନ୍ୟାନ୍ୟ ସାମଗ୍ରୀ ବି ରହିଛି । ଏସବୁ ମିଶି କାଗଜପତ୍ରରେ ମାସକୁ ଖର୍ଚ୍ଚ ପ୍ରାୟ ୫୦ ଲକ୍ଷ ଟଙ୍କା । କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ଟଏଲେଟ୍ ପେପର, ଟିସୁ ପେପର କାହା ଆଖିରେ କେବେ ପଡ଼େନାହିଁ । ହ୍ୟାଣ୍ଡୱାସ୍‌ର ଖାଲି ବୋତଲଟିଏ ମଧ୍ୟ ପଡ଼ିଥିବାର ଦେଖିବାକୁ ମିଳେନାହିଁ । ଏ ହେଉଛି କଟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବସ୍ ଟର୍ମିନାଲ୍ (ସିଏନ୍‌ବିଟି) ର ସଫେଇ ବ୍ୟବସ୍ଥାର ଚିତ୍ର । ସଫେଇ ବାବଦକୁ ସିଏନ୍‌ବିଟି ପରିଚାଳନା (ମେଣ୍ଟେନାନ୍ସ) ଦାୟିତ୍ୱରେ ଥିବା ସଂସ୍ଥାକୁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ମାସକୁ ୫୦ ଲକ୍ଷ ବା ଅଧ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ପୈଠ କରୁଛନ୍ତି । ଗତ ବର୍ଷକ ମଧ୍ୟରେ ଏ ବାବଦରେ ସିଡିଏ ପ୍ରାୟ ୫ କୋଟିରୁ ଅଧିକ ଟଙ୍କା ଦେଇ ସାରିଲାଣି । ତେବେ ସଫେଇ ନାଁରେ ଟଙ୍କା କେବଳ ହରିଲୁଟ୍ ହେଉଥିବା ଅଭିଯୋଗ ହେଉଛି । ବର୍ଷକ ତଳେ ଖାନନଗରରେ ସିଏନ୍‌ବିଟି ଉଦ୍‌ଘାଟନ ହୋଇଥିଲା । ଟର୍ମିନାଲ୍ ରକ୍ଷଣାବେକ୍ଷଣ (ମେଣ୍ଟେନାନ୍ସ) ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି । ରକ୍ଷଣାବେକ୍ଷଣ ବାବଦରେ ଯାହା ବି ଖର୍ଚ୍ଚ ହେବ ତାହା ସିଡିଏ ପ୍ରଦାନ କରୁଛି । ପ୍ରତି ମାସରେ ଏହି ସଂସ୍ଥା ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚର ଏକ ତାଲିକା ବା ବିଲ୍ ସିଡିଏକୁ ପ୍ରଦାନ କରିଥାଏ । ସେହି ପରିମାଣର ଅର୍ଥ ସିଡିଏ ଉକ୍ତ ସଂସ୍ଥାକୁ ଦେଇଥାଏ । ମିଳିଥିବା ସୂଚନା ଅନୁସାରେ, ପ୍ରତି ମାସରେ ରକ୍ଷଣାବେକ୍ଷଣ ବାବଦରେ ୪୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇ ଆସୁଛି । ଗତ ଅଗଷ୍ଟରେ ୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । କିନ୍ତୁ ଯେଉଁସବୁ ବାବଦରେ ଏହି ଖର୍ଚ୍ଚର ତାଲିକା ସିଡିଏକୁ ଦିଆଯାଉଛି ତାହାକୁ ଯଦି ଯାଞ୍ଚ କରାଯାଏ ତେବେ ଅନେକ ସାମଗ୍ରୀ ବ୍ୟବହାର କରାନଯାଇ ସେହି ଆଳରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହେଉଥିବା କୁହାଯାଉଛି । ଉଦାହରଣ ସ୍ୱରୂପ ପ୍ରତି ମାସରେ ଟଏଲେଟ୍ ପାଇଁ ବାଲ୍‌ଟି ଏବଂ ମଗ୍ କିଣାଯାଉଥିବା ନେଇ ବିଲ୍ ହେଉଛି । କିନ୍ତୁ ଅନେକ ଟଏଲେଟ୍‌ରେ କେଉଁଠି ବାଲ୍‌ଟି ନାହିଁ ତ' କେଉଁଠି ମଗ୍ ନଥିବା ଦେଖାଯାଉଛି । ଅପରପକ୍ଷରେ ଟଏଲେଟ୍ ପେପର ଦେଖିବାକୁ ମିଳୁନଥିବା ବେଳେ ଏ ବାବଦରେ ପ୍ରତି ମାସରେ ବିଲ୍ ହୋଇଚାଲିଛି । ହାତ ପୋଛିବା ପାଇଁ ଟାୱେଲଟିଏ ନଥିଲାବେଳେ ଏ ବାବଦରେ ମଧ୍ୟ ବିଲ୍ କରାଯାଉଛି । କେବଳ ସେତିକି ନୁହେଁ, ଏଭଳି ଅନେକ ଜିନିଷ ବିଲ୍ କରାଯାଇଛି ଯାହାର ନାଁ ଗନ୍ଧ ମଧ୍ୟ ଏହି ବସ୍ ଟର୍ମିନାଲରେ ଦେଖିବାକୁ ମିଳିନଥାଏ । ସବୁ ପ୍ରକାରର ସଫେଇ କାର୍ଯ୍ୟ ପାଇଁ ବ୍ୟବହାର ଯୋଗ୍ୟ କ୍ଲିନର ମାସକୁ ୫୦ଲିଟର ଖର୍ଚ୍ଚ ହେଉଥିବା ଦେଖାଯାଉଥିଲା ବେଳେ ଲୁହା, ପିତଳ ସାମଗ୍ରୀ ସଫା ପାଇଁ ୨୦ ଲିଟର କ୍ଲିନର, କାଠ ସାମଗ୍ରୀ ସଫା ପାଇଁ ୧୦ ଲିଟର କ୍ଲିନର, ୩୦ ଲିଟର ବାଥ୍‌ରୁମ୍ କ୍ଲିନର, କାଚ ସଫା ପାଇଁ ୨୦ ଲିଟର କ୍ଲିନର ବ୍ୟବହାର କରାଯାଇଥିବା ଦର୍ଶାଯାଇଛି । ପୁଣି ୨୦ କେଜି ବ୍ଲିଚିଂ ପାଉଡରମଧ୍ୟ ବ୍ୟବହାର ହେଉଥିବା ନେଇ ବିଲ୍ ହୋଇଛି । ୧୫ଟି ରୁମ୍ ସ୍ପ୍ରେ, ୧୦ଟି ଅଟୋ ସ୍ପ୍ରେ ମଧ୍ୟ ବ୍ୟବହାର ହେଉଥିବା ନେଇ ବିଲ୍ ହୋଇଛି । ପ୍ରତ୍ୟେକ ସାମଗ୍ରୀ ପାଇଁ ଟିକିନିଖି କରି ଖର୍ଚ୍ଚର ହିସାବ ଦିଆଯାଇ ଏ ବାବଦରେ ଅର୍ଥ ଦାୟିତ୍ୱରେ ଥିବା ସଂସ୍ଥା ନେଇ ଚାଲିଥିଲା ବେଳେ ପୁଣି 'ଅନ୍ୟାନ୍ୟ ଖର୍ଚ୍ଚ' କହି ସେ ବାବଦରେ ହଜାର ହଜାର ଟଙ୍କାର ବିଲ୍ କରାଯାଉଛି । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସିଏନ୍‌ବିଟିରେ ଯେତିକି ଲୋକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥିବା ନେଇ କାଗଜପତ୍ରରେ ଦର୍ଶାଯାଇଛି ସେମାନଙ୍କ ବାବଦରେ କେବଳ ୩୪ ଲକ୍ଷ ୫ହଜାର ୬୭୪ ଟଙ୍କା ସିଡିଏ ପ୍ରଦାନ କରିଆସୁଛି । ବାଲ୍‌ଟି, ମଗ ଆଦି ବାବଦରେ ପ୍ରତି ମାସରେ ୧ ଲକ୍ଷ ୨୦ହଜାରରୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ସିଡିଏ ଦେଇଆସୁଛି । ଏହା ମଧ୍ୟରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଗାଡ଼ିରେ ତେଲ ପାଇଁ ୧୨ ହଜାର ଟଙ୍କାର ବିଲ୍ କରାଯାଉଛି । ଗୋଟେ ମାସରେ ୩୦ଟି ୟୁରିନାଲ ସ୍କ୍ରିନ୍ ପାଇଁ ମଧ୍ୟ ବିଲ୍ କରାଯାଇଛି । ଝାଡୁ, ବାଲ୍‌ଟି, କଷ୍ଟିକ୍ ସୋଡ଼ା, ଡଷ୍ଟବିନ୍, ଗ୍ଲୋବ୍ସ, ଗ୍ଲାସ୍, ଡଷ୍ଟର, ଟିସୁ ପେପର ଆଦି ବାବଦରେ ପ୍ରତି ମାସରେ ୧ ଲକ୍ଷ ୨୦ ହଜାରରୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ବିଲ୍ ହୋଇଛି । ସିଡିଏ ପକ୍ଷରୁ ସିଏନ୍‌ବିଟି ଦାୟିତ୍ୱରେ ଥିବା ମ୍ୟାନେଜର ସୌର ପଣ୍ଡାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କିନ୍ତୁ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ସପକ୍ଷରେ ଯାଇ କହିଛନ୍ତି ଯେ, ବସ୍‌ଷ୍ଟାଣ୍ଡକୁ ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଆସୁଛନ୍ତି । ଲାଟ୍ରିନ୍ ଆଦି ସଫେଇ ଠିକ୍ ଭାବେ କରାଗଲେ ମଧ୍ୟ ସେମାନେ ଠିକ୍ ବ୍ୟବହାର ଜାଣି ନଥିବାରୁ ଅଳ୍ପ ସମୟ ମଧ୍ୟରେ ପାଇଖାନା ଖରାପ ହୋଇଯାଉଛି । ସିଏନ୍‌ବିଟିର ପରିଚାଳନା କାର୍ଯ୍ୟ ସମ୍ପୂର୍ଣ୍ଣ ଠିକ୍ ଭାବେ ଚାଲିଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ସେପ୍ଟେମ୍ବର ୨୦୨୫ ସୋମବାର





# ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସ୍ୱାତୀଦୀପାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭଦ୍ରକ, ନ୍ୟୁଜ ବ୍ୟୁରୋ

ଚଳିତବର୍ଷ ଓଏଏସ୍ ପରୀକ୍ଷାରେ ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ପଞ୍ଚାୟତ ବଳଭଦ୍ରପୁରର ୨୩ ବର୍ଷର ଛାତ୍ରୀ ସ୍ୱାତୀଦୀପା ରାଉତ ୪୬ନଂ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସ୍ୱାତୀଦୀପା ଭୁବନେଶ୍ୱରସ୍ଥିତ କଳିଙ୍ଗ ଆଇଏଏସ୍ କୋଚିଂ ସେଣ୍ଟରରେ ଅଧ୍ୟୟନ କରୁଥିଲେ। ଭଦ୍ରକ ସେଂଟ୍ରାଲ ସ୍କୁଲରୁ ଶିକ୍ଷା ଆରମ୍ଭ କରିଥିବା ସ୍ୱାତୀଦୀପା ୮୬% ରଖି ଦଶମ ପାସ୍ କରିଥିବାବେଳେ, ଭଦ୍ରକ କଲେଜରୁ +୨ ରେ ୭୫% ଓ ଓଡଶପୁର ଅଟୋନମସ୍ କଲେଜରୁ +୩ ରେ ୭୦% ରଖିଥିଲେ। ସେ ସ୍କୁଲ ଓ କଲେଜରେ ଯଦିଓ ଆଶାନୁରୂପ ସଫଳତା ପାଇନଥିଲେ, ତଥାପି ତାଙ୍କର ଓଏଏସ୍ ହେବାର ଲକ୍ଷ୍ୟ ପୂରଣ ହୋଇଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସ୍ୱାତୀଦୀପା ଓଡ଼ିଶାରେ ୨୩ ବର୍ଷ ବୟସରେ କେହି ଓଏଏସ୍ ପାଇନଥିବାବେଳେ ପ୍ରଥମ । ସେ କୌଣସି ଚାକିରୀ କରୁନଥିବାରୁ



୮ ଘଂଟା ଲାଇବ୍ରେରୀରେ କଟାଇ ଏଭଳି ସଫଳତା ଆଣିଛନ୍ତି ବୋଲି କହିଛନ୍ତି। ତାଙ୍କର ଏହି ସଫଳତା ପଛରେ ଇଷ୍ଟଦେବତା ରାଧାକୃଷ୍ଣ, ପିତା ପ୍ରକାଶ ରଞ୍ଜନ ରାଉତ, ମା ସସ୍ମିତା ରାଉତ ଓ ପରିବାରର ସମସ୍ତଙ୍କର ଆଶୀର୍ବାଦ ରହିଥିବାବେଳେ ବିଶେଷକରି ଦିବଂଗତ ତାଙ୍କ ଜେଜେ ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ପ୍ରେରଣା ତାଙ୍କୁ ଏଭଳି ଶ୍ରେୟ ଆଣିଦେଇଛି ବୋଲି ସେ କହିଛନ୍ତି। ତାଙ୍କ ଜେଜେ ସ୍ୱର୍ଗତଃ ରାଉତ ବର୍ତ୍ତମାନର କଳୁଷିତ ସମାଜକୁ ବଦଳାଇବାର ଯେଉଁ ଲକ୍ଷ୍ୟ ରଖି ଦରିଦ୍ର ସୀମାରେଖା ତଳେ ଥିବା ଲୋକଙ୍କ ବିକାଶ ଦିଗରେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାକୁ ପୂରଣ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିବା ସହ ଜଣେ ନାରୀ ଶିକ୍ଷିତ ହେଲେ ଗୋଟିଏ ପରିବାରକୁ ଶିକ୍ଷିତ କରାଇଥାଏ ବୋଲି କହିଛନ୍ତି। ଆଜି ସ୍ୱାତୀଦୀପା ଭୁବନେଶ୍ୱରରୁ ଆସିବା ପରେ ତାଙ୍କୁ ନଳାଙ୍ଗ ଛକରୁ ଶତାଧିକ ମୋଟର ସାଇକେଲ୍ ଓ କାର୍ର ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମ ବଳଭଦ୍ରପୁରସ୍ଥିତ ବାସଗୃହରେ ପହଂଚାଇଥିଲେ। ଏହି ଅବସରରେ ସେ ନିଜ ଜେଜେ ହୃଦାନନ୍ଦ ରାଉତ, ଗୟାଧର ରାୟ, କମଳାକାନ୍ତ ରାୟ ଓ ବଡବାପା ସୁରେନ୍ଦ୍ର ରାୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଦେଇ ଗ୍ରାମରେ ଥିବା ରାଧାକୃଷ୍ଣଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ଅଭିନ୍ନ ସାହୁ, ତୁଷାରକାନ୍ତ ପରିଡା, ଅମର ରାୟ, କଲେଇ ସରପଂଚ ନିରଞ୍ଜନ ମଲ୍ଲିକ, ଅନୀଲ କୁମାର ବେହେରା, ଶିକ୍ଷାବିତ୍ ଶଙ୍କର୍ଷଣ ଦାସ, ଅନାଦି ରାଉତ, ବାବୁଲା ରାଉତ, ଅସୀମାନନ୍ଦ ରାୟ, ଚଗୁଲୁ ଦାସ, ଜଗନ୍ନାଥ ରାୟ, ଚନ୍ଦନ ରାଉତ, ରମାକାନ୍ତ ରାୟ, ଆଦିକନ୍ଦ ରାଉତ, ନିର୍ମଳ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଧାୟକ ସଂଜୀବ ମଲ୍ଲିକ ଓ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ମଳୟ ଜେନା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କମିସନରେଟ ପୋଲିସର ରୂପଯାତ୍ରା ପ୍ରସ୍ତୁତି ବୈଠକ

# ଡିଜେ ଓ ମଦମୁକ୍ତ ଭସାଣି ଉପରେ ଗୁରୁତ୍ୱ

ଚୌଦ୍ୱାର, ନ୍ୟୁଜ ବ୍ୟୁରୋ

କମିସନରେଟ ପୋଲିସ ତରଫରୁ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଚୌଦ୍ୱାରର ଏହି ଐତିହାସିକ ରୂପଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାପାଇଁ ସମସ୍ତ ନୀତି ନିୟମ ମାନି କାର୍ଯ୍ୟ କରିବାକୁ ସମସ୍ତ ମେଢ଼ କମିଟି କର୍ମକର୍ତ୍ତା, ଯୁବଗୋଷ୍ଠୀ ଓ ଚୌଦ୍ୱାରର ନାଗରିକ ମାନଙ୍କୁ ନିବେଦନ କରିଥିଲେ। ଚଳିତ ବର୍ଷ ମଦମୁକ୍ତ ଭସାଣି, ଡିଜେମୁକ୍ତ ରୋଷଣି ଏବଂ ପଲିଥିନ୍ ମୁକ୍ତ ଧରଣୀର ସ୍ଲୋଗାନ୍




ଉପରେ କମିସନରେଟ ପୋଲିସ ଗୁରୁତ୍ୱ ଦେଉଥିବାରୁ ଏହାକୁ ମାନି ସମସ୍ତେ ଯାତ୍ରାକୁ ଉପଭୋଗ୍ୟ କରିବାକୁ ନିବେଦନ କରିଥିଲେ । ମେଢ଼ ପେଣ୍ଡାଲ ଓ ସାଂସ୍କୃତିକ ପେଣ୍ଡାଲ ଗୁଡ଼ିକରେ ଉନ୍ନତ ମାନର ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର, ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ଓ ସିସିଟିଭି କ୍ୟାମେରା ସଂଯୋଗ ପାଇଁ ସେ ମେଢ଼ ମଣ୍ଡପ ମାନଙ୍କୁ ପରାମର୍ଶ ଦେଇଥିଲେ। ଯାତ୍ରାରେ ଶୃଙ୍ଖଳା ରକ୍ଷା ପାଇଁ ମେଢ଼ ଗୁଡ଼ିକ ସମୟ ଅନୁବର୍ତ୍ତିତା ହେବାକୁ ସେ ପରାମର୍ଶ ଦେଇଥିଲେ। ପୂଜା କମିଟି ସଭାପତି ସୁବୋଧ କୁମାର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଦାମୋଦର ସାହୁ ପ୍ରମୁଖ ଏଥିରେ ଯୋଗଦେଇ ୧୨୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ଏହି ଐତିହାସିକ ରୂପଯାତ୍ରାକୁ ଶୃଂଖଳାର ସହ ଆଡ଼ମ୍ବରରେ ପାଳନ କରି ଏହାର ଗୌରବକୁ ରକ୍ଷା କରିବାପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ ଅଧିକାରୀ ମାନଙ୍କ ସହିତ ୪୩ଟି ମେଢ଼ କମିଟିର କର୍ମକର୍ତ୍ତା ମାନେ ଅଂଶ ଗ୍ରହଣ କରିଥିଲେ । ସୂଚନାଯୋଗ୍ୟଯେ ଆସନ୍ତା ଅକ୍ଟୋବର ମାସ ୪ତାରିଖରୁ ଚୌଦ୍ୱାରରେ କୁମାରପୂର୍ଣ୍ଣିମା ଓ ରୂପଯାତ୍ରା ଉତ୍ସବର ଆରମ୍ଭ ହେବା ସହିତ ୭ତାରିଖ ରୂପଯାତ୍ରା ଉଦ୍‌ଘାଟନ ଓ ସଂସ୍କୃତିକ କାର୍ଯ୍ୟକ୍ରମ, ୯ ତାରିଖ ସମସ୍ତ ମଣ୍ଡପରୁ ମୃଣ୍ମୟ ପ୍ରତିମାଙ୍କ ରୂପଯାତ୍ରାକୁ ଆଗମନ ଓ ୧୦ତାରିଖ ବିସର୍ଜନ ଶୋଭାଯାତ୍ରା ସହିତ ପ୍ରତେକ ଦିନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି କର୍ମକର୍ତ୍ତା ମାନେ ସୂଚନା ଦେଇଛନ୍ତି।

# ଧାନ ଚାଷରେ ରୋଗ ନିରାକରଣ ନିମନ୍ତେ ବିଭାଗୀୟ ପଦକ୍ଷେପ



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା କୃଷି ବହୁଳ ଜିଲ୍ଲା ଥିବାରୁ ଅଧିକାଂଶ ବ୍ୟକ୍ତି କୃଷି ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ଚଳିତ ବର୍ଷ ଖରିଫ ଋତୁରେ ବର୍ଷାର ପରିମାଣ ଓ ଅନୁକୂଳ ପରିବେଶ ଦେଖି ଚାଷୀମାନେ ଗତବର୍ଷ ଅପେକ୍ଷା ୨ ଗୁଣ ୟୁରିଆ ସାର ପ୍ରୟୋଗ କରିଛନ୍ତି । ଏହା ମଧ୍ୟ କୃଷି ବିଭାଗ ତରଫରୁ ସୁରୁଖୁରୁ ଭାବରେ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ କୃଷି ସମବାୟ ସମିତି ଓ ଖୁଚୁରା ବିକ୍ରେତା ମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକଙ୍କ ମନ୍ତବ୍ୟ ଅନୁସାରେ ଚାଷୀମାନେ ନିର୍ଦ୍ଧାରିତ ପରିମାଣର ପଟାସ ପକାଇ ନାହାଁନ୍ତି। ଯାହା ଫଳରେ ଆଗକୁ ରୋଗ ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ନିମନ୍ତେ ଚାଷୀମାନେ ଏକରକୁ ୨୫ କେଜି ପଟାସ ନିହାତି ପକାଇବା ଦରକାର । ଏହା ସହିତ ନିକଟସ୍ଥ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଯୋଗାଯୋଗ ରଖି ସଠିକ୍ ସମୟରେ ସଠିକ୍ ପରିମାଣର ଆବଶ୍ୟକ ଔଷଧ ପକାଇବା ନିହାତି ଦରକାର । ଏ ବର୍ଷ ଧାନଚାଷ ଭଲ ହୋଇଥିବାରୁ ଏପର୍ଯ୍ୟନ୍ତ ଆଖି ଦୃଶିଆ କ୍ଷୟକ୍ଷତି ଜଣା ପଡି ନଥିବାରୁ ଏବର୍ଷ ପ୍ରଚୁର ପରିମାଣ ରେ ଧନ ଉତ୍ପାଦନ ହେବାର ଆଶା କରାଯାଉଛି । କିନ୍ତୁ କିଛି ସ୍ଥାନରେ ଧାନଗଛ ନାଲି ପଡିଯାଉଛି ଏବଂ ସଢ଼ି ଯାଉଛି । ଏହାକୁ ସିଥ ବ୍ଲାଇଟ୍ + ବିଏଲବି କୁହନ୍ତି । ଏହି ରୋଗର ନିରାକରଣ ନିମନ୍ତେ ଆଜୋକ୍ସି ଷ୍ଟ୍ରବିନ୍-୧୫ ଗ୍ରାମ ଓ ପ୍ଲାନଟୋମାଇସିନ୍-୧୫ ଏମ୍‌ଏଲ୍ ୧୫ ଲିଟର ଡ୍ରମରେ ଏକରକୁ ୧୩ ଡ୍ରମ ହିସାବରେ ସିଂଚନ କରିବା ନିହାତି ଆବଶ୍ୟକ ବୋଲି ଜିଲ୍ଲାର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ବିଭାଗୀୟ ତରଫରୁ ଜଣାଇଛନ୍ତି ।

## ଉପଯୁକ୍ତ ଫୋରମ୍‌ରେ କାହିଁକି ଆସୁନାହାନ୍ତି ବୋଲି ପ୍ରଶ୍ନ କଲେ ହାଇକୋର୍ଟ

# ଉପର ପଡ଼ିଆରେ ବାଲିଯାତ୍ରା ନ କରିବାକୁ ପ୍ରଶାସନର ଜିଦ୍

କଟକ, ନ୍ୟୁଜ ବ୍ୟୁରୋ

ଉପର ପଡ଼ିଆରୁ ବାଲିଯାତ୍ରା ଆରମ୍ଭ ହୋଇଥିଲା । ସେହି ଉପର ପଡ଼ିଆ ହିଁ ବାଲିଯାତ୍ରାର ଅନ୍ତୁଡ଼ିଶାଳ । କିନ୍ତୁ ଏବେ ଶ୍ରୀହୀନ ପାଲଟିବାକୁ ଯାଉଛି। ଉପର ପଡ଼ିଆରେ ବାଲିଯାତ୍ରା ନହେବାକୁ ନେଇ ପୂରା ସହରବାସୀ, ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳର ରାଜନେତା ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ହାଇକୋର୍ଟଙ୍କ ଆଦେଶ ଆଳରେ ସବୁକଥାକୁ ଏଡ଼ାଇ ଆସୁଥିଲା । କିନ୍ତୁ ହାଇକୋର୍ଟରେ ସହର ସମସ୍ୟା ଶୁଣାଣି ବେଳେ



ପ୍ରଶାସନର ଅସଲ ଚେହେରା ପଦାରେ ପଡ଼ିଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଉପର ପଡ଼ିଆରେ ବାଲିଯାତ୍ରା ହେବା କଥାକୁ ଅଦାଲତରେ ଉଠାଇଥିଲେ । ଏହା ଉପରେ ଅଦାଲତ ବିଚାର କରିବାକୁ ଅନୁରୋଧ କରିଥିଲେ । ହାଇକୋର୍ଟ ପ୍ରଶାସନର ଏଭଳି ଆବେଦନକୁ ଅଗ୍ରାହ୍ୟ କରି ଦେଇଥିଲେ। ଯଦି ଉପର ପଡ଼ିଆରେ ବାଲିଯାତ୍ରା ହେବାଲାଗି ସହରବାସୀଙ୍କ ପକ୍ଷରୁ ଦାବି ହେଉଛି ତେବେ ପ୍ରଶାସନ ବା ଖୋଦ୍ ଜିଲ୍ଲାପାଳ କିମ୍ବା କୌଣସି ସଂଗଠନ କ'ଣ ପାଇଁ ପିଟିସନ୍ ନେଇ ଅଦାଲତକୁ ଆସୁନାହାନ୍ତି ବୋଲି ହାଇକୋର୍ଟ ପାଲଟା ପ୍ରଶ୍ନ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମୌଖିକ ଭାବେ ଉଠାଇବାକୁ ହାଇକୋର୍ଟ ଗ୍ରହଣ କରିନଥିଲେ । ଯଦି କିଛି କହିବାର ଅଛି ତାହେଲେ ଉପଯୁକ୍ତ ଫୋରମ୍‌ରେ ଆସିବାକୁ ହାଇକୋର୍ଟ କହିଛନ୍ତି । ହାଇକୋର୍ଟଙ୍କ ଏହି ଉତ୍ତର ପରେ ପ୍ରଶାସନର ଅସଲ ମୁଖା ପଦାରେ ପଡ଼ିଯାଇଛି । ପ୍ରଶାସନ ଉପର ପଡ଼ିଆରେ ବାଲିଯାତ୍ରା ନ କରିବାକୁ ଜିଦ୍ କରୁଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି । ଗତବର୍ଷ ଉପର ପଡ଼ିଆ ପ୍ରସଙ୍ଗ ହାଇକୋର୍ଟରେ ଉଠିଥିଲା । ଟ୍ରାଫିକ୍ ସମସ୍ୟା ଏବଂ ଅନ୍ୟ କେତେକ ସମସ୍ୟା ଉପୁଜିଥିବା କୁହାଯାଇଥିଲା। ପ୍ରଶାସନ ବିଚାର କରିବାକୁ ହାଇକୋର୍ଟ କହିଥିଲେ ।

# ଆକ୍ସନ ମୁଡ୍‌ରେ ପ୍ରଶାସନ : ସହରର ରାସ୍ତା ଏବଂ ଡ୍ରେନ୍‌ରୁ ହଟିବ ଜବରଦଖଲ

ବ୍ୟାସନଗର, ନ୍ୟୁଜ ବ୍ୟୁରୋ

ଯାଜପୁର ଜିଲ୍ଲାର ଶିଳ୍ପ ନଗରୀ କଳିଙ୍ଗନଗର ର ମୁଖଶାଳା ବ୍ୟାସନଗର ସହରର ଟ୍ରାଫିକ ବ୍ୟବସ୍ଥା ସର୍ବୋପରି ଭିଡ଼ ନିୟନ୍ତ୍ରଣରେ ପ୍ରତ୍ୟହ କିଛି ନା କିଛି ବାଧା ବିଘ୍ନ ଦେଖିବାକୁ ମିଳୁଛି । ତେବେ ଏହି ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି ଯାଜପୁର ରୋଡ଼ ଆଦର୍ଶ ଥାନାର ନବ ନିଯୁକ୍ତ ଥାନାଧିକାରୀ ଆଶିଷ କୁମାର ସାହୁ। ଗତ କିଛି ଦିନ ତଳେ ସହରରେ ବେଆଇନ ପାର୍କିଂ କରୁଥିବା ଗାଡିଚାଳକ ଏବଂ ରାସ୍ତା ଏବଂ ଡ୍ରେନ୍ ଅବରୋଧ କରି ବେପାର ପସରା ମେଲାଇ ଥିବା ଦୋକାନୀମାନଙ୍କ ଉପରେ ଜୋରିମାନା କରାଯିବ ବୋଲି ଗଣମାଧ୍ୟମରେ ସୂଚନା ଦେଇଥିଲେ। ତେବେ ଏହା ପୂର୍ବରୁ ପ୍ରାରମ୍ଭିକ ଭାବେ ଶନିବାର ଥାନାଧିକାରୀ ଶ୍ରୀ ସାହୁ ବ୍ୟାସନଗର ପ୍ରଶାସନର ସହଯୋଗ ଲୋଡ଼ିବା ସହିତ ପ୍ରଥମ ଦଫାରେ ଡାକବଙ୍ଗଳା ଛଅରୁ ବ୍ୟାସଦେବ



ଟାଉନ ହଲ ଭାୟା ଗ୍ରୀନ ମାର୍କେଟର ଉଭୟ ପାର୍ଶ୍ୱରେ ରାସ୍ତା ଏବଂ ଡ୍ରେନ୍ ଅବରୋଧ ଥିବା ଦୋକାନଗୁଡିକ ଉଚ୍ଛେଦ ପାଇଁ ବ୍ୟାସନଗର ପ୍ରଶାସନ ସହିତ ଜେସିବି ମେସିନ ନେଇ ଘଟଣାସ୍ଥଳରେ ପହଂଚିଥିଲେ। ଏହି ସମୟରେ ବ୍ୟାସନଗର ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ ପୁହାଣ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇବା ସହିତ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ତେବେ ଏହି ଉଚ୍ଛେଦ ପୂର୍ବରୁ ଅନେକ ସ୍ଥାନୀୟ ଦୋକାନୀ ଆଗକୁ ପୂଜା ଥିବାରୁ କିଛି ଦିନର ମହଲତ ମାଗିଥିଲେ। ତେବେ ହାତଗଣତି କିଛି ଦୋକାନୀଙ୍କୁ ଛାଡି ଅନେକ ଦୋକାନୀ ପ୍ରଶାସନ ଏବଂ ଥାନାଧିକାରୀଙ୍କ ସମରସଜା ଦେଖି ନିଜେ ଜବରଦଖଲ ହଟାଇ ନେଇଥିଲେ। ତେବେ ଆଗକୁ ବ୍ୟାସନଗର ଗଣପର୍ବ ରହିଥିବାରୁ ଦୁର୍ଗାପୂଜା ପରେ ପୁଣି ଏହି ଉଚ୍ଛେଦ ଆରମ୍ଭ ହେବ ବୋଲି ବ୍ୟାସନଗର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ ସୂଚନା ଦେଇଛନ୍ତି। ତେବେ ପୂଜା ପରେ ଯେଉଁ ଦୋକାନୀ ମାନେ ଜବରଦଖଲ କରିଥିବାର ନଜରକୁ ଆସିବେ ସେମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଏହି ଜବରଦଖଲ ହଟିଲେ ଅନେକାଂଶରେ ଟ୍ରାଫିକ ସମସ୍ୟା ଦୂର ହେବା ସହିତ ପାର୍କିଂ ସମସ୍ୟା ମଧ୍ୟ ଦୂର ହେବ ବୋଲି ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ପ୍ରଶାସନ ସହଯୋଗରେ ରାସ୍ତା ଅବରୋଧ କରୁଥିବା ଅନେକ ଫଳ ଏବଂ ପନିପରିବା ଦୋକାନୀଙ୍କୁ ଥଇଥାନ କରାଯିବା ନେଇ ସେ ମଧ୍ୟ ପ୍ରତିଶୃତି ଦେଇଛନ୍ତି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ବ୍ୟାସନଗର ପ୍ରଶାସନ ପକ୍ଷରୁ ଯନ୍ତ୍ରୀ ନୀଳମାଧବ ନନ୍ଦ,ମାନସ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ମହାନ୍ତି,ମାଣିକ ରଂଜନ ନାୟକ,ଅମିନ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯାଜପୁର ରୋଡ଼ ଆଦର୍ଶ ଥାନା ପକ୍ଷରୁ ଥାନାଧିକାରୀ ଆଶିଷ କୁମାର ସାହୁ,ଏସ ଆଇ ଲିଙ୍ଗରାଜ ବେହେରାଙ୍କ ଅନେକ କର୍ମଚାରୀ ଉପସ୍ଥିତ ରହିଥିଲେ। ତେବେ ଥାନାଧିକାରୀ ଙ୍କ ଏପରି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରୁଥିବା ବେଳେ ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ କୁମାର ପାଢ଼ୀଙ୍କ ପରେ ଥାନାଧିକାରୀ ସହରରେ ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ସନ୍ତାନକୁ ଜନ୍ମ ଦେଇ ଫିଙ୍ଗି ଚାଲିଗଲା ମା'

ବରଗଡ଼, ନ୍ୟୁଜ ବ୍ୟୁରୋ

ମାଁ କେବଳ ଏକ ଶବ୍ଦ ନୁହେଁ, ଏହା ହେଉଛି ଗଭୀର ସ୍ନେହ, ଅଦମ୍ୟ ସାହସ ଓ ତ୍ୟାଗର ପ୍ରତୀକ। ମାଁ ବୋଲି ଏହି ଗୋଟିଏ ଅକ୍ଷର ଦୁନିଆରେ ସବୁଠୁ ମଧୁର, ପଣତ କାନିରେ ଘୋଡେଇ ଦେଲେ ଛୋଟ ଲାଗେ ଏ ସଂଶାର। ପାର୍ବଣର ଦଶହରା ଶାରଦୀୟ ଦୁର୍ଗାପୂଜା ଅବସରରେ ଚାରିଆଡେ ମାଁ ଜଗତଜନନୀଙ୍କ ପୂଜାର୍ଚ୍ଚନାରେ ପ୍ରକମ୍ପିତ ହେଉଥିବା ବେଳେ ସେହି ମାଁ ଶବ୍ଦରେ ଆଜି କଳଙ୍କ ବୋଳିଦେଇଛି ଜଣେ ମାଁ ରୁପି ରକ୍ଷାସୀ ନିଜ ଗର୍ଭରେ ନମାସ ଦଶଦିନ ଧରି ଏକ ଶିଶୁକୁ ଜନ୍ମ ଦେବା ପରେ କେନାଲ ଭିତରକୁ ଫିଙ୍ଗିଦେଇ ଚାଲିଗଲା। ଦୁନିଆ କ'ଣ କିଛି ବୁଝିବା ପୂର୍ବରୁ ଜୀବନ ଚାଲିଯାଇଥିଲା ନିଷ୍ପାପ ଶିଶୁର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ ବିଜୟପଲ୍ଲୀ ଫାଣ୍ଡି ଅଧିନସ୍ତ ଗବିନ୍ଦପୁର ଗ୍ରାମରେ। ଏନେଇ ଗ୍ରାମବାସୀ ଖବର ପାଇବା ପରେ ବରପାଲି ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳକୁ ପୋଲିସ ପହିଞ୍ଚି ମୃତ ଶିଶୁର ଶବ ଜବତ କରିବା ସହିତ ବରପାଲି ଥାନା ୧୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ



କରାଇଥିଲା । ଘଟଣାର ୭୨ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ମୃତ ଶିଶୁର କୌଣସି ପରିଚୟ ବା ଦାବିଦାର ନଆସିବାରୁ ବରପାଲି ପୋଲିସ ବରଗଡ଼ ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲଙ୍କ ସହିତ ମୃତ ନବଜାତ ଶିଶୁର ଶବ ସତ୍କାର କରିବା ପାଇଁ ଯୋଗାଯୋଗ କରିଥିଲେ। ସୂଚନା ପାଇବା ପରେ ବିକାଶ ଅଗ୍ରୱାଲ, ଶେଷଦେବ ପଧାନ, ରାଜକୁମାର ବନଛୋର, ଲୋକନାଥ ମେହେର ପ୍ରମୁଖ ବରଗଡ଼ ପିପଲମୁଣ୍ଡା ସ୍ଥିତ ସ୍ୱର୍ଗଦ୍ୱାର କୁ ପହଁଞ୍ଚି ବରପାଲି ପୋଲିସ ଏସିଷ୍ଟାଣ୍ଟ ସବ ଇନିସ୍ପେକ୍ଟର ଏମ. ବାଗଙ୍କ ଉପସ୍ଥିତିରେ ମୃତ ଶିଶୁକୁ ସମାଧି ଦେଇଥିଲେ। ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ଏତାଦୃଶ୍ୟ ସାମାଜିକ କାର୍ଯ୍ୟକୁ ପୋଲିସ କର୍ମଚାରୀ ସହିତ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ।

# ଅଟୋ-ବାଇକ ମୁହାଁମୁହିଁ ଧକ୍କା : ଜଣେ ମୃତ

ବାରିପଦା, ନ୍ୟୁଜ ବ୍ୟୁରୋ

ବାଉରା ଛକ ନିକଟରେ ଅଟୋ-ବାଇକ ମୁହାଁମୁହିଁ ଧକ୍କାରେ ଯୁବକଙ୍କ ଛାତିରେ ଲୁହା ଛଡ଼ ପଶି ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସାନ ବ୍ରାହ୍ମଣମରା ଗ୍ରାମର ଲାଦୁ ହେମ୍ବ୍ରମ। ସୂଚନା ଅନୁଯାୟୀ, ସେ ତାଙ୍କ ଝିଅକୁ ନେଇ ବାଇକ ଯୋଗେ ଘରକୁ ଯାଉଥିଲେ। ବାଉରା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଯାହା ଫଳରେ ସେ ବାଇକରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡିଥିଲେ। ଲୁହା ଛଡ଼ଟି ତାଙ୍କ ଛାତିରେ ପଶି ଯାଇଥିଲା। ଏହାସହିତ ତାଙ୍କ ସାନ ଝିଅ ଆହତ ହୋଇଥିଲା। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦରରେ ଏକ ମାମଲା ରୁଜୁ କରାଯାଇଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୯।୯।୨୦୨୫, ଆଶ୍ୱିନ ଦି୧୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୬।୦୨ ଚନ୍ଦ୍ରୋଦୟ- ଦିଘ ୧୧।୫।୦୬**

**ସପ୍ତମୀ-** ଦିଘ ୪।୩୨ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର ଓ ଧନୁ ରାଶି-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୪।୩୨ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୭।୧୦ ମଧ୍ୟେ । ଦିଘ ୮।୫୦ ଗତେ ଘ ୧୧।୧୩ ମଧ୍ୟେ । **ପର୍ବୋତ୍ସବ-** ପୀଠେ ଦେବୀଙ୍କ ମହାଷ୍ଟମୀ, ମୃଣ୍ମୟୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା ଆରମ୍ଭ, ଭାଇ ଜିଉନ୍ତିଆ ପର୍ବ, ଫଳଧୁଆ ।

**ମେଷ:** ମନରେ ଭକ୍ତିଭାବ ଆସିବ । ସାମାଜିକ କାର୍ଯ୍ୟ ବା ସେବା ପୂଜାରେ ଯୋଗଦାନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।ପାରିବାରିକ ସୁଖ ଶାନ୍ତି ଲାଭହେବାର ସୂଚନା ।

**ବୃଷ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କର୍ମକ୍ଲାନ୍ତିରୁ କର୍ମହାନୀ ଆଶଙ୍କା । ରୋଜଗାରରେ ବାଧା ଦେଖାଦେବ । ଦୂରଯାତ୍ରା କରି ଅଶାନ୍ତି ଦେଖାଦେବ । ଗୃହେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।

**ମିଥୁନ:** କୌଣସି ଶୁଭ କାର୍ଯ୍ୟରେ ଯୋଗଦାନ କରି ଆନନ୍ଦ ଉତ୍ସବରେ ମାତିବେ । ବନ୍ଧୁ ମିଳନ ଯୋଗ ରହିଛି । ଦୂରଯାତ୍ରା କରିପାରନ୍ତି । ପରିବାରରେ ଆନନ୍ଦ ବିରାଜମାନ କରିବ । ଆୟ ଓ ବ୍ୟୟ ସମାନ ରହିବ ।

**କର୍କଟ:** ସହକର୍ମୀ ବା ପଦସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ । ମହିଳାମାନେ ସୁଖୀ ହେବେ ।

**ସିଂହ:** ସହକର୍ମୀ ମାନଙ୍କ ଅସହଯୋଗରୁ କର୍ମହାନୀର ଆଶଙ୍କା । ଅନ୍ୟମାନଙ୍କ ପାଖରେ ଅପଦସ୍ଥର ଶିକାର ହେବେ। ରୋଜଗାର ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ନିଷ୍ଫଳ ଦେଖାଦେବ । ମହିଳାମାନେ ଆନନ୍ଦିତ ହେବେ ।

**କନ୍ୟା:** ମନରେ ବିରକ୍ତି ତଥା ଅଶାନ୍ତି ଲାଗି ରହିବାର ଆଶା କର୍ମକ୍ଷେତ୍ରରେ କାର୍ଯ୍ୟହାନୀର ସୂଚନା । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରେ ସୁଖ ଶାନ୍ତି ଲାବ ହେବ । ଶରୀର ସୁସ୍ଥ ରହିବ ।

**ତୁଳା:** ଆଜି ଆପଣଙ୍କର ଘାତ ଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମହାନି ସହିତ ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ ଅସହଯୋଗ ଦେଖାଦେବ । ଠକାମୀରେ ପଡିପାରନ୍ତି । ସମସ୍ତ ଆଡକୁ ନଜର ରଖି କାର୍ଯ୍ୟ କରିବେ ।

**ବିଛା:** କୌଣସି କାର୍ଯ୍ୟ ପ୍ରତି ମମତା ଆସିବ ନାହିଁ । ମନରେ ଘୃଣା ଭାବ ଜାଗ୍ରତ ହେବ । ଦୂରଯାତ୍ରାରେ କଷ୍ଟ ବୃଦ୍ଧି ହେବ । ଆୟ ଓ ବ୍ୟୟ ସମାନ ରହିବ । ପରେ ଆସ୍ୱସ୍ତି ଲାଭ ହେବ । ମହିଳାମାନେ ଖର୍ଚ୍ଚୀ ହେବେ ।

**ଧନୁ:** ଦୂରଯାତ୍ରା କରି ବହୁ ସଫଳ ଲାଭ କରିବେ । କର୍ମକ୍ଷେତ୍ରରେ ସୌଜନ୍ୟତା ପ୍ରାପ୍ତି ହେବ । ରୋଜଗାରରେ ସାମାନ୍ୟ ଉନ୍ନତି । ପରିବାରରେ ସାହାଯ୍ୟ ଓ ସହଯୋଗ ଲାଭ କରିବେ । ଦେହ ଭଲ ରହିବ ।

**ମକର:** ଅତୀତ ଘଟଣା ପାଇଁ ଅନୁତପ୍ତ ହେବେ । ନାନା କାରଣ ପାଇଁ ଚିନ୍ତା ବଢ଼ିବ । ରୋଜଗାରରେ ସାମାନ୍ୟ ଉନ୍ନତି ହେବ । ପରିବାରରେ ପାରସ୍ପରିକ ଆଲୋଚନାରୁ ଆନନ୍ଦ ଲାଭ ହେବ ।

**କୁମ୍ଭ:** ହଠାତ ବିପଦ ବୃଦ୍ଧି ହେବ । କୌଣସି ଦୁର୍ଘଟଣା ପାଇଁ ଚିନ୍ତା ବଢ଼ିବ ।ଆୟରେ ବାଧା ସୃଷ୍ଟି ହେବ,ବିରକ୍ତି ଆସିବ । ପରିବାରରେ ବିରୋଧର ସମ୍ମୁଖୀନ ହେବାକୁ ପଡିବ । ଶରୀର ଅସୁସ୍ଥ ରହିବାର ସୂଚନା ।

**ମୀନ:** ଦୂରଯାତ୍ରା କରି ଫଳବତୀ ହେବେ । ବନ୍ଧୁ ସହଯୋଗ ମିଳିବ । ନିଜ କର୍ମ ପାଇଁ ପ୍ରଶଂସିତ ହେବେ । ସୁଖ ସମ୍ମାନ ପ୍ରାପ୍ତି ହେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୯।୨୦୨୫, ଆଶ୍ୱିନ ଦି୧୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୬।୧୯ ଚନ୍ଦ୍ରୋଦୟ- ଦିଘ୦୭/୪୭/୧୨**

**ଅଷ୍ଟମୀ-** ସଂଘ ୦୬/୦୬ ପର୍ଯ୍ୟନ୍ତ । **ମୂଳାନକ୍ଷତ୍ର-** ମଳ ପ୍ରାଘ ୬/୧୭ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡିଆ ସଂଘ ୦୬/୬ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫/୪୧ ଗତେ ଘ ୬/୨୮ ମଧ୍ୟେ, ଦିଘ ୮/୩୯ ଗତେ ଘ ୧୧/୧୨ ମଧ୍ୟେ। **ପର୍ବୋତ୍ସବ-** ପୀଠ ଦେବୀଙ୍କ ମହାନବମୀ, ମୃଣ୍ମୟୀ ଦୁର୍ଗାଙ୍କ ଅଷ୍ଟମୀ ଓ ସଂଧିପୂଜା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ସେପ୍ଟେମ୍ବର ୨୦୨୫ ସୋମବାର







## କୃଷି ସମବାୟ ସମିତିରେ ଜାଲିଆତି ଅଭିଯୋଗ:ତଦନ୍ତ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା କୋଟି କୋଟି ଟଙ୍କା ଦୁର୍ନିତିର ତଦନ୍ତ ଓ ଏଥିରେ ସଂପୃକ୍ତ ଥିବା ସମ୍ପାଦକ ଓ ସରପଞ୍ଚଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗୋବିନ୍ଦପୁର କୃଷି ସମବାୟ ସମିତି ଠାରୁ ୦୧.୦୯.୨୦୨୩ ରୁ ଜୁଆଣିଆ କୃଷି ସମବାୟ ସମିତି ଅଲଗା ହୋଇଛି । ଅଲଗା ହେବାପରେ ଏହି ସମବାୟ ସମିତିର ସମ୍ପାଦକ ଓ ସରପଞ୍ଚଙ୍କ ମଧୁଚନ୍ଦ୍ରିକା ଯୋଗୁ ସମିତିରେ କୋଟି କୋଟି ଟଙ୍କା ଦୁର୍ନିତି ହୋଇଥିବାର ଅଭିଯୋଗ ହେବାପରେ ସ୍ୱତନ୍ତ୍ର ଅଡିଟ୍ ମଧ୍ୟ ସରିଛି । ଏଥିରେ ସଂପୃକ୍ତ ଥିବା ସମ୍ପାଦକ ନିଲମ୍ବନ ହେବାପରେ ସରପଞ୍ଚଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉନାହିଁ । ଏଥିସହ ସମ୍ପାଦକ ନିଲମ୍ବନ ହେବାପରେ ତାଙ୍କ ସ୍ଥାନରେ ଅନ୍ୟ ସମ୍ପାଦକଙ୍କୁ ନିଯୁକ୍ତି ଦେବାପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଠାରେ ସମ୍ପାଦକ ନିଯୁକ୍ତି ହୋଇପାରୁ ନହାଁନ୍ତି । ବାରମ୍ବାର ଏ ବିଷୟରେ ଏଆର୍ସିଏସ୍ ଓ ଡିଆର୍ସିଏସ୍ଙ୍କୁ ଅଭିଯୋଗ କଲାପରେ ମଧ୍ୟ ସେଠାରେ ସମ୍ପାଦକ ନିଯୁକ୍ତି ନହେବାରୁ ଏହା ଧେୟାଞ୍ଚଳ ହୋଇଥିବାରୁ ଫସଲ ନଷ୍ଟ ହୋଇଥିବା ଚାଷୀମାନଙ୍କର ସହାୟତା ବୀମା ରାଶି ଓ ଋଣ ପାଇବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ଜୁଆଣିଆ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ଓଡ଼ିଶା, ମୁଖ୍ୟ ସଚିବ, ସମବାୟ ମନ୍ତ୍ରୀ, ରେଜିଷ୍ଟ୍ରାର୍ ସମବାୟ ସମିତି ଓଡ଼ିଶା, କଟକ କେନ୍ଦ୍ର ସମବାୟ ସମିତିର ସମ୍ପାଦକ ଆଦିଙ୍କୁ ଅଭିଯୋଗ କରାଯାଇଛି । ଶତାଧିକ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଜୁଆଣିଆ କୃଷି ସମବାୟ ସମିତିରେ ସମ୍ପାଦକ ନିଯୁକ୍ତି କରିବା ସହ ଦୁର୍ନିତି ହୋଇଥିବା କୋଟି କୋଟି ଟଙ୍କାରେ ସଂପୃକ୍ତ ଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଜୟ କୁମାର ସାମଲ, ପ୍ରଶାନ୍ତ ସାମଲ, ରଜତ ଧଳ, ବିକାଶ ସାମଲ, ରଂଜନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

||||||||||||||||||| ବନାଞ୍ଚଳ ପ୍ରକଳ୍ପର ବାର୍ଷିକ ସମୀକ୍ଷା ବୈଠକ |||||||||||||||||||

## ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନିମନ୍ତେ ପଦକ୍ଷେପ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବନାଞ୍ଚଳ ପ୍ରକଳ୍ପ ସମୀକ୍ଷା ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାମଣ୍ଡା ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଡେପୁଟି ପ୍ରକଳ୍ପ ନିର୍ଦ୍ଦେଶକ ଯଶୋବନ୍ତ ବେରିହା ମୁଖ୍ୟବକ୍ତା, ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ସୁଦର୍ଶନ ବାଡି, ପ୍ରଭାକର ନାୟକ ଡି ଏମ୍, ଚିନ୍ତାମଣି ଜେନା ପ୍ରକଳ୍ପ ନର୍ଦ୍ଦେଶକ ଜଳବିଭାଜିକା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୀନା ମହାନ୍ତି, ସଚିନ୍ଦ୍ରନାଥ ବେହେରା ନିର୍ଦ୍ଦେଶକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମୀକ୍ଷା ବୈଠକକୁ ଉଦ୍‌ଘାଟନ କରିଥିଲେ । ବୌଦ୍ଧ ବନଖଣ୍ଡରେ ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ବନ ସୁରକ୍ଷା ସମିତି



ଗଠନ, ପୁନଃ ଅଣୁ ଯୋଜନା ପ୍ରସ୍ତୁତି, ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଲିଙ୍ଗଗତ ମୁଖ୍ୟ ଧାରାକୁ ପ୍ରୋତ୍ସାହିତ କରିବା ସହିତ ଏକାଭିମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମବାସୀଙ୍କ ଆର୍ଥିକ ଉନ୍ନତି ପାଇଁ ସମୀକ୍ଷା ବୈଠକରେ ଆଲୋଚ୍ନା କରଯାଇଥିଲା । ଏଥିସହ ପରିଚାଳନା କାର୍ଯ୍ୟାଳୟ ଓ ତିନିଗୋଟି ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ବନ ସୁରକ୍ଷା ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରସ୍ତୁତ ଉପକରଣ ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧିତ ଫୋଟ ଚ୍ତ୍ରିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ ହୋଇଥିଲା । ନିମନ୍ତ୍ରିତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଉପ ନିର୍ଦ୍ଦେଶକ ଯଶୋବନ୍ତ ବେରିହା ଓଡ଼ିଶା ବନ ଉନ୍ନୟନ ନିଗମ ଅତିଥି ଭାବେ ତତ୍ ସହିତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଏହାପରେ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ କରଯାଇଥିଲା ଏବଂ ଅତିଥିମାନଙ୍କ ଦ୍ୱାରା ଏକଗୋଟି ବୌଦ୍ଧ ବନଖଣ୍ଡର ସଫଳତାର କାହାଣୀ ପୁସ୍ତକର ଉନ୍ମୋଚନ କରଯାଇଥିଲା । ବୌଦ୍ଧ, ମନମୁଣ୍ଡା ଓ କଣ୍ଟାମାଳ ବନାଞ୍ଚଳ ଅନ୍ତର୍ଗତ ୨୦୨୪-୨୫ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ କାର୍ଯ୍ୟର ପଙ୍ଖାନୁପୁଙ୍ଖ ସମୀକ୍ଷା ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚ୍ନା କରଯାଇଥିଲା । ପିପିଟି ଚ୍ତ୍ରି ମାଧ୍ୟମରେ ୨୦୨୪-୨୫ ମଧ୍ୟରେ ହୋଇଥିବା କାର୍ଯ୍ୟକୁ ଦର୍ଶାଯାଇଥିଲା । ପ୍ରକଳ୍ପ କାର୍ଯ୍ୟରମ୍ଭର ୫ ବର୍ଷ ମଧ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ସାମଗ୍ରୀ ଯଥା ଅଗରବତୀ, ପ୍ୟାକେଜିଙ୍ଗ ହୋଇଥିବା ବିଭିନ୍ନ ଡାଲି ଜାତୀୟ ଶସ୍ୟ, ଫିନାଇଲ, ବାଉଁଶ ଇତ୍ୟାଦି ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସହକାରୀ ବନ ସଂରକ୍ଷକ ମିନାକ୍ଷୀ କୁମୁରା, ବୌଦ୍ଧ କ୍ଷେତ୍ର ପରିଚ୍ଳାକ କୁମାରୀ ଅର୍ଚ୍ଚନା ଗୋମାଙ୍ଗୋ, କଣ୍ଟାମାଳ କ୍ଷେତ୍ର ପରିଚ୍ଳାକ ଜୟକୃଷ୍ଣ ପଟ୍ଟନାୟକ ଓ ଖଣ୍ଡୀୟ ପରିଚ୍ଳାନା କାର୍ଯ୍ୟାଳୟର କର୍ମଚ୍ଚାରୀ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ପରିଚ୍ଳାନା କରିଥିଲେ । ପରିଶେଷରେ ବିଭିନ୍ନ ପ୍ରଶଂସିତ କାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି, ବନ ସହାୟକ, ସଭାପତି ଓ ଅତିଗରିବ ଉଦ୍ୟମୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା ।

## ପାଠ ପଢ଼ା ପାଇଁ ଭରା ନଦୀରେ ବାଜିରେ ଲାଗିଛି ଜୀବନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପାଠ ପଢ଼ା ପାଇଁ ଭରା ନଦୀରେ ବାଜିରେ ଲାଗିଛି ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ତାଳପଦା ମୁଣ୍ଡା ସାହିରେ। ମୁଣ୍ଡା ସାହିକୁ ସମାକୋଇ ନଦୀ ଉପରେ ପୋଲ ନଥିବାରୁ ବର୍ଷା ଦିନରେ ସାହିକୁ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ସାହିବାସି । ପିଲାଙ୍କ ପଢା କଥା ନକହିଲେ ଭଲ । ବର୍ଷା ହେଲେ ନଦୀ ବଢ଼ିଲେ ବସ୍ତାନିରେ ଡୋରି ବନ୍ଧା ହୁଏ। ସ୍କୁଲରେ ପରୀକ୍ଷା ଚାଲିଥିବାରୁ ବାଧ୍ୟ ହୋଇ ମୁଣ୍ଡା ସାହିରୁ କିଛି ଛାତ୍ରଛାତ୍ରୀ ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରୀକ୍ଷା ଦେବାପାଇଁ ଭରା ନଦୀରେ ଜୀବନକୁ ବାଜି ଲଗାଇ ନଦୀ ପାର ହୋଇ ପରୀକ୍ଷା ଦେବାକୁ ଯାଉଥିଲେ । ଲଗାଣ ବର୍ଷା ଯୋଗୁ ସମାକୋଇ ନଦୀରେ ବର୍ଷା ଜଳ ପ୍ରଭାବିତ ହେଉଛି । କେବେ କେବେ ପାଣିରେ ଅଭିଭାବକ ମାନେ ଭରା ନଦୀରେ ବିପଦ ସଙ୍କୁଳ ଅବସ୍ଥାରେ ନିଜ ପିଲାଙ୍କୁ ନଦୀ ପାର କରାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସାହିରେ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ବିଭିନ୍ନ ସମୟରେ ସାହିବାସୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ ମଧ୍ୟ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲ ନିର୍ମାଣ ହୋଇପାରିନାହିଁ। ଫଳରେ ନଦୀ ବଢ଼ିଲେ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଗୁରୁତର ରୋଗୀ ଓ ଗର୍ଭବତୀ ମହିଳା ମଧ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ନଦୀ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିଥାଏ । ଲୋକେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଦଉଡ଼ି ବାନ୍ଧି ବିପଦପୂର୍ଣ୍ଣ ଭାବେ ନଦୀ ପାର କରାଇଥାନ୍ତି । ଏବେ ମଧ୍ୟ ଲୋକେ ଆଦିମ ମଣିଷ ଭଳି ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି ।

## ଆମେରିକାର ହ୍ୟୁଷ୍ଟନ୍ ସହରରେ ନୂଆଁଖାଇ ଭେଟ୍‌ଘାଟ୍

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଭାଇଚାରାର ପର୍ବ ନୂଆଁଖାଇ ସୁଦୂର ଆମେରିକାର ହ୍ୟୁଷ୍ଟନ୍ ସହରରେ ପାଳିତ ହୋଇଯାଇଛି। ଏହି ସହରରେ ବସବାସ କରୁଥିବା ପ୍ରାୟ ୨୦୦ ପରିବାର ବିଶେଷ କରି ପଶ୍ଚିମ ଓଡ଼ିଶାର ବ୍ୟକ୍ତି ବିଶେଷମାନେ ଏଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେଠାରେ ଥିବା ଓଡ଼ିଶା କଲଚରାଲ୍ ସେଣ୍ଟର୍ (ଓସିସି) ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଓସିସିର ଅଧ୍ୟକ୍ଷ ଦିଲ୍ଲିପ ପାତ୍ର ଓ ସମ୍ପାଦକ ପ୍ରଦୀପ ପଟେଲଙ୍କ ଆବାହକତ୍ୱ, ପ୍ରାକ୍ତନ ଅଧ୍ୟକ୍ଷ ତଥା ଉତ୍କଳ ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତର ଆଦିତ୍ୟ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଗଣପର୍ବରେ ରାଉରକେଲା ସଚେତନ ନାଗରିକ ମଞ୍ଚର ସଭାପତି ତଥା ନିଟ୍ରା ରାଉରକେଲା ଚାପ୍ଟରର ଅଧ୍ୟକ୍ଷ ଇଂ ବିମଳ କୁମାର ବିଶି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଡ଼ା ରଞ୍ଜନ ଯୋଶୀ ଓ ଅରୁଣିମା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ, ଲୋକସଙ୍ଗୀତ, ଆବୃତ୍ତି ଓ ନୂଆଁଖାଇ ଉପରେ ଅଭିନୟ, ପ୍ରଭାତ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ମା' ସମଲେଇଙ୍କ ଉପରେ ଆଧାରିତ ପାଲା ଓ ଆଧ୍ୟାତ୍ମିକ ଅନୁଭୂତି ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଇଂ ବିଶି ରଙ୍ଗବତୀ ଗୀତରେ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରଫେସର ଦେବାନନ୍ଦ ପତି, ସ୍ୱରୂପ ପଣ୍ଡା, ସୁନୀଲ ପରିଜା, ମହେନ୍ଦ୍ର, ତାପସ ପଣ୍ଡା, ନୋଲମ ମେହେର, ଜୟନ୍ତ ମହାକୁଡ, ସରୋଜ ପଟେଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପାରମ୍ପରିକ ପଶ୍ଚିମ ଓଡ଼ିଶାର ଖାଦ୍ୟପେୟରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା।




## ସ୍ୱାସ୍ଥ୍ୟ ସେବାରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଗୁରୁତ୍ୱପର୍ଣ୍ଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ କଥା ଚିନ୍ତା କଲାବେଳେ ଫାର୍ମାସିଷ୍ଟମାନଙ୍କ କଥା ଚିନ୍ତା କରିବାକୁ ପଡ଼ିବ କାରଣ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଠିକ୍ ଅନୁପାତର ଔଷଧ ହିଁ ରୋଗ ଉପଶମ କରିବାରେ ସହାୟକ ହୋଇଥାଏ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତି ଦାସ ମତବ୍ୟକ୍ତ କରିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଫାର୍ମାସୀ ବିଭାଗ ପକ୍ଷରୁ ଗୁରୁବାର ଆୟୋଜିତ ବିଶ୍ୱ ଫାର୍ମାସିଷ୍ଟ ଦିବସ 'ଏଲିକ୍‌ଜିର -୨୦୨୫' ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତି ଦାସ କହିଥିଲେ ଯେ ଏହି କାର୍ଯ୍ୟକ୍ରମର ନାମ 'ଏଲିକ୍‌ଜିର' ହିଁ ଫାର୍ମାସିଷ୍ଟମାନଙ୍କର କାର୍ଯ୍ୟକୁ ପ୍ରତିପାଦିତ କରୁଛି । ଚିକିତ୍ସା ପଦ୍ଧତିରେ ଡାକ୍ତରମାନଙ୍କ ଦ୍ୱାରା ଲିଖିତ ପ୍ରେସ୍କ୍ରିପ୍‌ସନ୍ ଅନୁସାରେ ଔଷଧ ପ୍ରଦାନ ଓ ସେଗୁଡ଼ିକ ସେବନ କରିବାର ବିଧି ଫାର୍ମାସିଷ୍ଟମାନେ ହିଁ ନିରୂପଣ କରିଥାନ୍ତି । ନିଷ୍ଠାର ସହ ଏହି କାର୍ଯ୍ୟକୁ ସେମାନେ ତୁଲାଇବା ଦ୍ୱାରା ସମାଜର ପ୍ରଭୂତ ଉପକାର ସାଧନ କରୁଛନ୍ତି ବୋଲି ଶ୍ରୀମତି ଦାସ କହିଥିଲେ। ଚଳିତ ବର୍ଷର ବିଶ୍ୱ ଫାର୍ମାସିଷ୍ଟ ଦିବସର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ' ସମ୍ପର୍କରେ ମତବ୍ୟକ୍ତ କରି ଶ୍ରୀମତି ଦାସ କହିଥିଲେ ଯେ ଫାର୍ମାସିଷ୍ଟମାନଙ୍କର ଭୂମିକାକୁ ଶ୍ରେୟ ଦେବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୫ ତାରିଖକୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ରୂପେ ପାଳନ କରାଯାଉଛି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫାର୍ମାସିଷ୍ଟମାନେ ଯେଉଁଭଳି ଭାବେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଛନ୍ତି ସେଥି ନିମନ୍ତେ ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସୋଆ ଉପସଭାପତି କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ଡ୍ରଗ୍ସ କଂଟ୍ରୋଲର ମାମିନା ପଟ୍ଟନାୟକ ବକ୍ତା ଭାବେ ଯୋଗ ଦେଇ ଫାର୍ମାସିଷ୍ଟମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ବର୍ତ୍ତମାନର ଯୁବପିଢ଼ି ନିଶା ଠାରୁ ଦୂରେଇ ରହିବା ଉପରେ ମତ ରଖିଥିଲେ। ଏଥିରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ପ୍ରମୁଖ ଦାୟିତ୍ୱ ବହନ କରିଥାନ୍ତି ବୋଲି କହିଥିଲେ। ସୋଆ ଫାର୍ମାସୀ ବିଭାଗର ମୁଖ୍ୟ ଡକ୍ଟର ଯସ୍ମିନ୍ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଓ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ -୨, ଫୁଲନଖରାର ମେଡିକାଲ୍ ସୁପିରଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ହସ୍ପିଟାଲ୍‌ରେ ଫାର୍ମାସିଷ୍ଟମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ, ଫାର୍ମାସିଷ୍ଟମାନଙ୍କୁ ଏବଂ ଏହି ବିଭାଗ ସହିତ ଜଡ଼ିତ ବିଭିନ୍ନ କର୍ମଚାରୀ ମାନଙ୍କୁ ସୋଆ ଉପସଭାପତି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡକ୍ଟର ଯସ୍ମିନ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗାନ୍ଧୀଙ୍କ ଦର୍ଶନ ଓ ଆଦର୍ଶରେ ଏବେବି ପ୍ରାସଙ୍ଗିକତା ରହିଛି

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଗୁରୁବାର 'ଏକବିଂଶ ଶତାବ୍ଦୀରେ ଗାନ୍ଧୀଙ୍କ ପ୍ରାସଙ୍ଗିକତା' ଶୀର୍ଷକ ଏକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ତଥା ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ପ୍ରିୟଦର୍ଶୀ କର ଯୋଗ ଦେଇଥିଲା ବେଳେ ସମ୍ମାନୀୟ ବକ୍ତା ଭାବେ ଓଡ଼ିଶା ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଅବସରପ୍ରାପ୍ତ ଇତିହାସ ରିଡର ଡ. ସୁବାଷ ଚନ୍ଦ୍ର ବାରିକ ଏବଂ ବିରଜା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଇତିହାସ ରିଡର ଡ. ଦୁଷ୍ମନ୍ତ କୁମାର ନାୟକ ଯୋଗଦେଇଥିଲେ । କଲେଜ ଅଧ୍ୟକ୍ଷ ଶରତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟବକ୍ତା ପ୍ରଫେସର ପ୍ରିୟଦର୍ଶୀ କର ଗାନ୍ଧୀଜୀଙ୍କ ଦର୍ଶନ ଓ ଆଦର୍ଶ ଏବେକା ସମୟରେ କିପରି ପ୍ରାସଙ୍ଗିକ ତାହା ଆଲୋକପାତ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଡ. ରଜତକାନ୍ତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ରାଜେଶ ସାହୁ, ଅଧ୍ୟାପିକା ତୃପ୍ତିମୟୀ ଦାସ ଏବଂ ଅଧ୍ୟାପକ ସାଲଖୁ ମାରାଣ୍ଡି ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ଅଧ୍ୟାପିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ରଞ୍ଜନ କୁମାର ମଲ୍ଲିକ୍, ଅର୍ଥନୀତି ଅଧ୍ୟାପକ ମାଧବ ଦେହୁରୀ, ଗଣିତ ଅଧ୍ୟାପକ ବିବେକ ଜେନା, ସଂସ୍କୃତ ଅଧ୍ୟାପିକା ସସ୍ମିତା ସ୍ୱାଇଁ, ଓଡ଼ିଆ ବିଭାଗର ଅଧ୍ୟାପିକା ପ୍ରଭାସିନୀ ଗୁଇଁ ଏବଂ ହିମାଦ୍ରିତନୟା ଜେନା, ରାଜନୀତି ବିଜ୍ଞାନ ଅଧ୍ୟାପକ ବବୃବାହନ ଜେନା, ବାଣିଜ୍ୟ ଅଧ୍ୟାପକ ତାପଜ କୁମାର ପାତ୍ର ଏବଂ ଶଶିକାନ୍ତ ଲେଙ୍କା ପ୍ରମୁଖଙ୍କ ସମେତ ଇତିହାସ ବିଭାଗର ସ୍ନାତୋକତ୍ତର ଓ ସ୍ନାତକ ବିଭାଗର ଛାତ୍ରଛାତ୍ରୀ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନେ ଏହି ଆଲୋଚନା ଚକ୍ରରେ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

## କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଆନୁକୂଲ୍ୟରେ କଟକର ବିଭିନ୍ନ ସ୍ଥାନମାନଙ୍କରେ ସ୍ୱଚ୍ଛତା ପଖୱାଡ଼ା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବାବା ଧବଳେଶ୍ୱର ପୀଠ, ପାନ୍ଥନିବାସ, ଅଂଶୁପା, ଖୁଣ୍ଟୁଣୀ ଓ ନେତାଜୀ ସଂଗ୍ରହାଳୟ ଠାରେ ବିଭିନ୍ନ ଦିନ ମାନଙ୍କରେ କରାଯାଇଥିଲା । ୧୫ ଦିନ ଅବଧିରେ କଟକର ୪, ୫ଟି ସ୍ଥାନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବର୍ଗର ଲୋକମାନେ ସ୍ୱୟଂସାହାୟକ ଗୋଷ୍ଠୀ, ପ୍ରଶାସନ ପକ୍ଷରୁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ଅଧିକାରୀ ଓ ସହଯୋଗୀ କର୍ମୀ ତଥା ସ୍ଥାନୀୟ ଅଧିବାସୀ ବୃନ୍ଦ ସହଯୋଗ କରିଥିଲେ । ଫିଟ୍ ଇଣ୍ଡିଆ ଅନସନ ଡେଜ ଏବଂ ଏହି ସ୍ୱଚ୍ଛତା ପଖୱାଡାର ଏକ ମିଳିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ସାଇକେଲ ରାଲି କରାଯାଇଥିଲା । ଏହି ସ୍ୱଚ୍ଛତା ଅଭିଯାନ ଓ ଉଦ୍ୟମ ଅନବାରିତ ଜାରି ରହିଛି ତଥା ଜନସାଧାରଣଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରାଉଛି । ଜଳଶକ୍ତି ଓ ଜନ ଭାଗୀଦାରୀରେ ଉଲ୍ଲେଖନୀୟ ସଫଳତା ପାଇଁ ରାୟଗଡା




ଜିଲ୍ଲାକୁ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରାଳୟ, ଜଳ ସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ବିଭାଗ ଦ୍ୱାରା ଅର୍ଥ ରାଶି ପୁରସ୍କାର ଜଳ ଶକ୍ତି ଜନ ଭାଗୀଦାରୀ (୧.୦)ରେ ରାୟଗଡା ଜିଲ୍ଲା ଉଲ୍ଲେଖନୀୟ ସଫଳତା ପାଇଛି । ବିଶେଷଭାବରେ ବର୍ଷା ଜନିତ ଜଳକୁ ଠିକ୍ ଭାବରେ ସଞ୍ଚୟ କରିବା, ଜଳ ଉତ୍ସ ଗୁଡ଼ିକୁ ଠିକ୍ ଭାବରେ ସଂରକ୍ଷିତ କରିବା, ବର୍ଜ୍ୟ ଜଳକୁ ସଠିକ୍ ପରିଚାଳନା କରିବା ଏ ଭଳି କ୍ଷେତ୍ରରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରାଳୟ, ଜଳ ସମ୍ପଦ ବିଭାଗ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ବିଭାଗ ଦ୍ୱାରା ସ୍ଥିରିକୃତ ବିଭିନ୍ନ ମାପଦଣ୍ଡ ଓ ସର୍ବେକ୍ଷଣରେ ରାୟଗଡା ଜିଲ୍ଲା ସମୁଦାୟ ୮୨୩୭ଟି ନିର୍ମିତ ଜଳ ସଞ୍ଚୟ ସଂରଚନାରେ ସଠିକ୍ ଭାବେ ତଥ୍ୟ ଅପଲୋଡ ହୋଇଥିବା ହେତୁ ଭାରତ ବର୍ଷରେ ଶ୍ରେଷ୍ଠ ୬୭ ଜିଲ୍ଲା ମଧ୍ୟରୁ ରାୟଗଡା ଜିଲ୍ଲା ଜୋନ୍-୨ କାଟାଗୋରୀ-୩ ରେ ୨୫ ଲକ୍ଷ ଅର୍ଥରାଶି ପାଇଁ ପୁରସ୍କୃତ ହୋଇଛି । ଏହି ଜଳ ସଂରଚନାରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ୫୭୭୫ ଗୋଟି, ମୃତ୍ତିକା ଓ ସଂରକ୍ଷଣ ବିଭାଗ ୫୦୦ ଗୋଟି, ଜଙ୍ଗଲ ଓ ପରିବେଶ ବିଭାଗ ୧୮୩୨ ଗୋଟି, କ୍ଷୁଦ୍ର ଜଳସେଚନ ବିଭାଜନ ୧୩୦ ଗୋଟି ସଫଳତା ଭାବେ ୦୧.୦୪.୨୦୨୪ ରୁ ୩୧.୦୫.୨୦୨୫ ମଧ୍ୟରେ ହୋଇଥିବା ଜଳ ସଞ୍ଚୟ ସଂରଚନା ଠିକ୍ ଭାବେ କାର୍ଯ୍ୟରେ ପ୍ରତିପାଦିତ କରି, ତଥ୍ୟକୁ ଭାରତ ସରକାରଙ୍କ JSJB (୧.୦) ପୋର୍ଟାଲ୍‌ରେ ଅପଲୋଡ କରିଥିଲେ। ଏଥିରେ ବିଶେଷ ଭାବରେ ପଞ୍ଚାୟତ ରାଜ ବିଭାଗର ବ୍ଲକ ସ୍ତରରେ କାର୍ଯ୍ୟରତ ଯନ୍ତ୍ରୀମାନେ ଠିକ୍ ଭାବରେ ସମୟ ସୀମା ଅବଧି ଭିତରେ ତାଙ୍କର କାର୍ଯ୍ୟ ସୁନ୍ଦର ଭାବରେ ପ୍ରତିପାଦିତ କରିଥିଲେ। ଜିଲ୍ଲାର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା । ପ୍ରକାଶଥାଉ କି ଶ୍ରୀ ଖେମୁଣ୍ଡୁ JSJB (୧.୦) ଜିଲ୍ଲା ସ୍ତରୀୟ ନୋଡାଲୟ ଅଫିସର ଭାବରେ ଏହି କାର୍ଯ୍ୟକୁ ସଠିକ୍ ଓ ନିୟମିତ ସମୀକ୍ଷା କରି ଏହି ସଫଳତା ପଛରେ ଉଲ୍ଲେଖନୀୟ ଭୂମିକା ନିଭାଇଥିଲେ । ଏହି କାର୍ଯ୍ୟକୁ ଠିକ୍ ଭାବରେ ସମାପନ କରିବା ପାଇଁ କେନ୍ଦ୍ର ନୋଡାଲ୍ ଅଫିସର ବିଶ୍ୱ ବିନାୟକ ବଳବନ୍ତ ରାୟଙ୍କ ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିଥିଲା। ଜିଲ୍ଲା ପରିଷଦର ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ ଓ କନିଷ୍ଠ ଯନ୍ତ୍ରୀ ସୋନାଲି ପ୍ରଧାନ ଏବଂ କ୍ଷୁଦ୍ର ଜଳସେଚନ ବିଭାଜନ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ପରିଡା ଏହି କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି ସଫଳତା ପାଇଁ ରାୟଗଡା ଜିଲ୍ଲାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏହି କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି କାର୍ଯ୍ୟ JSJB (୨.୦)ରେ ମଧ୍ୟ ବଳବତ୍ତର ରଖିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ୬୩ ବର୍ଷରେ ପହଞ୍ଚିଲା ମଳଦା ସାର୍ବଜନୀନ ଦୁର୍ଗାପୂଜା

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଳିତବର୍ଷ ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ଅଞ୍ଚଳ । ପୂଜା କମିଟ ପକ୍ଷରୁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେଥିମଧ୍ୟରୁ ଯୋଡା-କୋଇଡା ବ୍ଲକ ସୀମାନ୍ତ ମଳଦା ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ । ପ୍ରାୟ ୬୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ ଅନୁଷ୍ଠିତ ହୋଇଆସୁଛି ମା' ଜଗତଜନନୀ ଦୁର୍ଗାଙ୍କର ପୂଜା । ଚଳିତ ବର୍ଷ ବେଶ୍ ଧୁମ୍‌ଧାମ୍‌ରେ ପୂଜା ପାଇଁ ଲାଗିପଡିଛନ୍ତି ମୂର୍ତ୍ତି କାରିଗର । ଏହି ପୂଜା ମଣ୍ଡପରେ ପ୍ରତିବର୍ଷ ମା'ଙ୍କର ଗୋଟିଏ ପ୍ରକାର ମୂର୍ତ୍ତି ତିଆରି କରାଯାଏ । ମୂର୍ତ୍ତି ନିର୍ମାଣ ପରେ ରଙ୍ଗଦେବା କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ। ସେହିପରି ଚଳିତ ବର୍ଷ ଦୁର୍ଗାପୂଜା ବେଶ୍ ଆକର୍ଷଣୀୟ ସହ ଧୂମ୍‌ଧାମ୍‌ରେ ପୂଜା ପାଳନ କରାଯିବ। ୧୯୬୨ ମସିହାରେ ପ୍ରଥମେ ସ୍ଥାନୀୟ ଟାଟାଷ୍ଟିଲ୍‌ରେ କାର୍ଯ୍ୟ କରୁଥିବା ଲୋକମାନେ ଏହି ଦୁର୍ଗା ପୂଜା ଆରମ୍ଭ କରିଥିଲେ। ସମୟ ଅନୁସାରେ ଏକ ଛୋଟ ପୂଜାରୁ ଆରମ୍ଭ ହୋଇ ଏହା ଏବେ ମଳଦା ଅଞ୍ଚଳର ଏକ ପ୍ରତୀକ ଭାବେ ଉଭା ହୋଇଛି । ଚଳିତ ବର୍ଷ ୬୩ ବର୍ଷରେ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ଦୁର୍ଗା ପୂଜା କମିଟିର ସଭାପତି ଦଶରଥ ବାରିକ, ସମ୍ପାଦକ ରାଜେଶ ବଳ ଓ କୋଷାଧ୍ୟକ୍ଷ ଆଶୁତୋଷ ସିହ୍ନା କହିଛନ୍ତି । ପେଣ୍ଡାଲ୍‌ରେ ପ୍ରତିମା ନିର୍ମାଣ ଠାରୁ ଆରମ୍ଭ କରି ସାଜସଜ୍ଜା ଜୋର୍‌ସୋର୍‌ରେ ଚାଲିଛି । ସେପ୍ଟେମ୍ବର ୨୮ରୁ ୨ ତାରିଖ ପର୍ଯ୍ୟନ୍ତ ମଳଦା ପୂଜା ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା । ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ କମିଟି ସହିତ ଜଡିତ ରହିଛନ୍ତି । ଆଖପାଖ କଳମଙ୍ଗ, ଗଣୁଆ, ଚୋର ମାଳଦା, କାଟେସାହି, ଓରାଘାଟ ୫ରୁ ୬ଟି ଗାଁକୁ ନେଇ ଏହି ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ । ସମସ୍ତଙ୍କ ସହଯୋଗ ଓ ଉପସ୍ଥିତିରେ ଧୁମ୍‌ଧାମ୍ ସହକାରେ ପୂଜାର୍ଚ୍ଚନା ହୋଇଥାଏ । ପ୍ରତିବର୍ଷ ତୋରଣ କରୁଥିବା ଏହି କମିଟି ଚଳିତବର୍ଷ ଭିନ୍ନଧରଣର ତୋରଣ କରୁଛି । ପ୍ରାୟ ଏହାର ଉଚ୍ଚତା ୪୦



ଫୁଟ୍ ରହିବ । ମା'ଙ୍କ ମୂର୍ତ୍ତୀର ଉଚ୍ଚତା ୧୦ ଫୁଟ୍ ରହିବ । ମୂର୍ତ୍ତୀ ତିଆରି ଓ ପାଶ୍ୱବର୍ତ୍ତୀ ଠାକୁରଙ୍କ ମୂର୍ତ୍ତୀ ତିଆରି ନିମନ୍ତେ ପଶ୍ଚିମବଙ୍ଗ ରାଜ୍ୟର ଶିଳ୍ପୀ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ଜୋର୍‌ଦାର୍ ଚାଲିଛି । ସମ୍ପୂର୍ଣ୍ଣ ପୂଜା ପାଇଁ ଏଥର ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ୍ ରହିଛି । ଯେଉଁଥିରେ ଲାଇଟ୍, ଫୁଲ ସହ ଅନ୍ୟାନ୍ୟ ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି । ଏଠାରେ ମା'ଙ୍କର ମେଢ଼କୁ ସୁସଜ୍ଜିତ କରିବା ସହ ସୁଉଚ୍ଚ ତୋରଣକୁ ସୁସଜ୍ଜିତ କରାଯିବ । ବେଶ୍ ଆକର୍ଷଣୀୟ ରୂପରେ ନିର୍ମାଣ ହେଉଛି ବିରାଟ ତୋରଣ । ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ ବୋଲି ସୂଚନା ଦେଇଛନ୍ତି ସମସ୍ତ କାରିଗର। ଏଥିରେ ଦୋକାନ ବଜାର ମଧ୍ୟ ପଡିବ । ଏହି ପୂଜା କମିଟି ପକ୍ଷରୁ ମାସେ ପୂର୍ବରୁ ୧୫ ଜଣକୁ ନେଇ ଗେଟ୍ ନିର୍ମାଣ କାର୍ଯ୍ୟ କରାଯାଉଛି । ପୂଜା କମିଟିର ଟିକେଶ୍ୱର ପୋଦାର, ବାଦଲ ବାରିକ, ଦିବାକର ନାଏକ, ତପନ ପାତ୍ର, ଧନେଶ୍ୱର କୁମୁଦିଆଲ, ସୁଧାଂଶୁ ସାହୁ, କୁନୁ ବେହେରାଙ୍କ ସମେତ ଅନ୍ୟ ସଦସ୍ୟ କହିଛନ୍ତି । ଏହି ପୂଜା ସହିତ ଅନ୍ନ ପ୍ରସାଦର ବ୍ୟବସ୍ଥା ରହିଛି । ତେଣୁ ସମସ୍ତ ଭକ୍ତମାନେ ଆସି ମା'ଙ୍କ ଦର୍ଶନ କରି ଅନ୍ନ ପ୍ରସାଦ ସେବନ କରି ଆଶ୍ରିବାଦ ଗ୍ରହଣ କରିବେ ବୋଲି କହିଛନ୍ତି। ଏଥିସହିତ ସ୍ଥାନୀୟ ଲୋକଙ୍କ ମନରୋଞ୍ଜନ ନିମନ୍ତେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ମଧ୍ୟ ଯୋଜନା ରହିଛି କମିଟିର ସଦସ୍ୟ ତଥା ସ୍ଥାନୀୟ ମଳଦା ସରପଞ୍ଚ ସୁରୁବାଲୀ ପାତ୍ର କହିଛନ୍ତି ।

## କାମରେ ଲାଗୁନି ପରିସ୍ରାଗାର:୪ ବର୍ଷରେ ନଷ୍ଟ ହେଲା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମ ତରଫରୁ ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକରେ ଅଦୂରଦର୍ଶୀତାର ସ୍ପଷ୍ଟ ପ୍ରମାଣ ମିଳୁଛି । ଲକ୍ଷ ଲକ୍ଷ ଟଙ୍କାରେ ପ୍ରକଳ୍ପ ନିର୍ମାଣ ହେଉଛି । କିନ୍ତୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । କିଛି ମାସ ପରେ ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି । ଶୌଚାଳୟ ହେଉ ଅବା ରାସ୍ତା କଡ଼ର ଓପନ୍ ଜିମ୍, ଏସବୁ ପ୍ରକଳ୍ପଗୁଡ଼ିକରେ ଅଯଥାରେ ଟଙ୍କା ଖର୍ଚ୍ଚ ହେଉଛି । ହେଲେ ସହରବାସୀ ସେଗୁଡ଼ିକ ବ୍ୟବହାର କରୁନାହାନ୍ତି । ଏଭଳି ଏକ ପ୍ରକଳ୍ପକୁ ନିଜେ ମହାନଗର ନିଗମ ଗତ କିଛି ଦିନ ଭିତରେ ଭାଙ୍ଗି ଦେଇ ମାଟିରେ ମିଶାଇ ଦେଇଛି। ବ୍ରହ୍ମପୁର ଷ୍ଟାଡ଼ିୟମ୍ ପାଖରେ ମହାନଗର ନିଗମ ତରଫରୁ ଏକ ପରିସ୍ରାଗାର ନିର୍ମାଣ ହୋଇଛି । ପ୍ରାୟ ୪ ବର୍ଷ ପୂର୍ବେ ୪ ଲକ୍ଷ ୮୦ ହଜାର ଟଙ୍କା ନିର୍ମିତ ହୋଇଥିଲା ଏହି ପରିସ୍ରାଗାର । ନିର୍ମାଣ ପରେ କିଛିଦିନ ବ୍ୟବହାରରେ ଲାଗିଲା । କିନ୍ତୁ ତାପରେ ଆଉ ବ୍ୟବହାର ହେଲାନାହିଁ । ରକ୍ଷଣାବେକ୍ଷଣ ସହିତ ବ୍ୟବହାର ଉପଯୋଗୀ କରିବା ଦିଗରେ ମଧ୍ୟ ମହାନଗର ନିଗମ ଧ୍ୟାନ ଦେଲାନାହିଁ । ଫଳରେ ଧିରେ ଧିରେ ଏହା ଆବର୍ଜନାମୟ ହୋଇଗଲା ।




ଆଖପାଖରେ ବଜାର ରହିଥିବା ଯୋଗୁ ପରିସ୍ରାଗାରର ଆବଶ୍ୟକତା ରହିଥିଲା । ଗ୍ରାହକ, ଦୋକାନୀ ଏବଂ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ହେଲେ ଏହି ପରିସ୍ରାଗାରକୁ ପୁନଃ କାର୍ଯ୍ୟକ୍ଷମ କରାଗଲାନାହିଁ । ଅନ୍ୟପଟେ ବ୍ୟବହାର ନହେବା ଫଳରେ ଧିରେ ଧିରେ ସେଥିରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଗଲା । ପରିସ୍ରାଗାରରେ ଲାଗିଥିବା ପାଣି ପମ୍ପକୁ ଦୁର୍ବୃତ୍ତମାନେ ନେଇଗଲେ । ସେହିପରି ଟ୍ୟାପ, ପାଇପ୍ ସହିତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଚୋରି ହୋଇଗଲା । ଗତ କିଛି ମାସ ହେଲା ରାତି ହେଲେ ସେଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିଲା । ଭିତରେ ମାଦକ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପଡ଼ି ରହୁଥିଲା । ଅସାମାଜିକ କାର୍ଯ୍ୟ ଚାଲିଥିଲା । ଏସବୁ ଦୃଷ୍ଟିରୁ ଅବ୍ୟବହୃତ ହୋଇ ରହିଥିବା ପରିସ୍ରାଗାରକୁ ମହାନଗର ନିଗମ ତରଫରୁ ଭାଙ୍ଗି ଦିଆଯାଇଛି । ପ୍ରାୟ ୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ପରିସ୍ରାଗାର ୫ ବର୍ଷ ମଧ୍ୟ କାମରେ ଲାଗିଲାନାହିଁ । ସେଠାରେ ଆଉ ଏକ ଅତ୍ୟାଧୁନିକ ପରିସ୍ରାଗାର ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି । ବ୍ରହ୍ମପୁର ସହରବାସୀଙ୍କୁ ସୁବିଧା ପ୍ରଦାନ ପାଇଁ ମହାନଗର ନିଗମ ତରଫରୁ ଅନେକ ପ୍ରକଳ୍ପ ହାତକୁ ନିଆଯାଉଛି । ହେଲେ ସେଗୁଡ଼ିକର ରକ୍ଷଣାବେକ୍ଷଣ ସଠିକ୍ ଭାବେ କରାଯାଉନଥିବା ଯୋଗୁ ନଷ୍ଟ ହେବାରେ ଲାଗିଛି । ଥରେ ନିର୍ମାଣ ଶେଷ ହେବା ପରେ ସେଗୁଡ଼ିକର ପରିଚାଳନା ଦିଗରେ ମହାନଗର ନିଗମ ଗୁରୁତ୍ୱ ଦେଉନାହିଁ । ଫଳରେ ସରକାରୀ ଅନୁଦାନ ବର୍‌ବାଦ୍ ହେଉଛି । ସହରସାରା ଏଭଳି ଅଚଳ ପ୍ରକଳ୍ପ ଦେଖିବାକୁ ମିଳୁଛି । ଏପରିକି ସେଗୁଡ଼ିକରୁ ବ୍ୟାପକ ଚୋରି ହେବାରେ ମଧ୍ୟ ଲାଗିଛି । ଏଥିପ୍ରତି ମହାନଗର ନିଗମ ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

# ବିସିସିଆଇର ନୂଆ ଅଧ୍ୟକ୍ଷ ହେଲେ ମିଥୁନ ମନହାସ

**ନୂଆଦିଲ୍ଲୀ**



ବିସିସିଆଇକୁ ମିଳିଛନ୍ତି ନୂଆ ବସ୍। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ନୂଆ ଅଧ୍ୟକ୍ଷ ହୋଇଛନ୍ତି ମିଥୁନ ମନହାସ। ଦିଲ୍ଲୀ ରଣଜୀ ଟ୍ରଫି ଟିମ୍‌ର ପୂର୍ବ ଅଧିନାୟକ ମିଥୁନ ବିସିସିଆଇ ଅଧ୍ୟକ୍ଷ ହୋଇଛନ୍ତି। ଜମ୍ମୁ-କାଶ୍ମୀରରେ ଜନ୍ମିତ ଏହି କ୍ରିକେଟର ବିସିସିଆଇର ନୂଆ ସଭାପତି ହେବା ପାଇଁ ଦୌଡ଼ ଆଗରେ ରହିଥିଲେ। ରବିବାର ବିଧିବଦ୍ଧ ଭାବେ ବିସିସିଆଇ ଅଧ୍ୟକ୍ଷ ଭାବେ ମାନହାସଙ୍କ ନାମ ଘୋଷଣା ହୋଇଛି। ବିସିସିଆଇ ବାର୍ଷିକ ସାଧାରଣ ବୈଠକରେ ମାନହାସଙ୍କ ନାମ ଘୋଷଣା ହୋଇଛି। ରୋଜର ବିନ୍ନିଙ୍କ ସ୍ଥାନ ନେଇଛନ୍ତି ମାନହାସ। ଏବେ ମାନହାସଙ୍କ ହାତରେ ରହିବ ବିସିସିଆଇ କମାଣ। ସେହିପରି ଦେବଜିତ୍ ସାଇକିଆ ସଚିବ ଭାବରେ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରବତେଜ ଭାଟିଆଙ୍କୁ ଯୁଗ୍ମ ସଚିବ କରାଯାଇଛି। ୪୫ ବର୍ଷୀୟ ମିଥୁନ ରୋଜର ବିନ୍ନିଙ୍କ ଜାଗା ନେଇଛନ୍ତି। କୌଣସି ଅନକ୍ୟାପ୍‌ଡ ଖେଳାଳି ଭାବେ ବିସିସିଆଇର ନେତୃତ୍ୱ ନେଇଛନ୍ତି। ଅର୍ଥାତ୍ ମିଥୁନ ମନହାସ ପ୍ରଥମ କ୍ରିକେଟର ହୋଇଛନ୍ତି ଯିଏ ଅନ୍ତର୍ଜାତୀୟ କ୍ରିକେଟ୍ ନ ଖେଳିବା ସତ୍ତ୍ୱେ ବିସିସିଆଇର ମୁଖ୍ୟ ହୋଇଛନ୍ତି। ସେ ୧୫୭ ପ୍ରଥମ ଶ୍ରେଣୀ ମ୍ୟାଚରେ ୯,୭୧୪ ରନ୍ କରିଛନ୍ତି। ସେଥିରେ ୨୭ ଶତକ ରହିଛି। ୧୩୦ ଲିଷ୍ଟ ଏ ମ୍ୟାଚ୍ ଏବଂ ୯୧ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ମିଥୁନ ମନହାସ ଘରୋଇ କ୍ରିକେଟରେ ପ୍ରାୟ ୧୫,୦୦୦ ରନ୍ କରିଛନ୍ତି। ମିଥୁନ ମନହାସ ବର୍ତ୍ତମାନ ଜମ୍ମୁ-କାଶ୍ମୀର କ୍ରିକେଟ ଆସୋସିଏସନରେ ପ୍ରଶାସକ କାର୍ଯ୍ୟ କରୁଛନ୍ତି। ସେପ୍ଟେମ୍ବର ୩୦ରେ କାର୍ଯ୍ୟକାଳ ସରିବ ଏହା ପୂର୍ବରୁ ସେ ଦୁଲୀପ ଟ୍ରଫିରେ ଉତ୍ତର ଜୋନ୍ ପାଇଁ ସଂଯୋଜକ ଥିଲେ। ଆଇପିଏଲ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟନ୍ସର ସର୍ପୋର୍ଟ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଛନ୍ତି। ଆଇପିଏଲରେ, ମିଥୁନ ଦିଲ୍ଲୀ ଡେୟାରଡେଭିଲ୍ସ, ପୁନେ ୱାରିୟର୍ସ ଇଣ୍ଡିଆ ଏବଂ ସିଏସକେ ପାଇଁ ଖେଳିଛନ୍ତି।

## ବିସିସିଆଇ ସିଲେକ୍ସନ ପ୍ୟାନେଲରେ ପରିବର୍ତ୍ତନ

# ପ୍ରଜ୍ଞାନ ଓଝା ଏବଂ ଆରପି ସିଂହଙ୍କୁ ମିଳିଲା ଗୁରୁଦାୟିତ୍ୱ

**ମୁମ୍ବାଇ**

ବିସିସିଆଇ ଚୟନ କମିଟିରେ ପରିବର୍ତ୍ତନ ହୋଇଛି। ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା ଏବଂ ଆରପି ସିଂହଙ୍କୁ ସିଲେକ୍ସନ ପ୍ୟାନେଲରେ ସାମିଲ୍ କରାଯାଇଛି। ଚିଫ୍ ସିଲେକ୍ଟର ଅଜିତ୍ ଅଗରକର ବର୍ତ୍ତମାନ ଏହି ଦୁଇ ବରିଷ୍ଠ ପୂର୍ବତନ ଖେଳାଳିଙ୍କ ସହିତ ଭାରତୀୟ ଦଳ ଚୟନ କରିବେ। ସେହିପରି ମହିଳା ଟିମ୍ ଚୟନ କମିଟିରେ ଦିଲ୍ଲୀର ଅମିତା ଶର୍ମାଙ୍କୁ ନିଯୁକ୍ତି ମିଳିଛି।

କିଛି ଦିନ ପୂର୍ବରୁ ବିସିସିଆଇ ସିନିୟର ଟିମ୍ ପାଇଁ ଦୁଇ ଜଣ ନୂଆ ସିଲେକ୍ଟର୍ସ ଚୟନ ପାଇଁ ବିଜ୍ଞପ୍ତି ବାହାର କରିଥିଲା। ଏଥିପାଇଁ ପୂର୍ବତନ ଦିଗଜ ଖେଳାଳି ପ୍ରଜ୍ଞାନ ଓଝା ଏବଂ ରୁଦ୍ର ପ୍ରତାପ ସିଂହ ଆବେଦନ କରିଥିଲେ। ରବିବାର ବିସିସିଆଇ ଆବେଦନ ପତ୍ରକୁ ଗ୍ରହଣ କରି ସେମାନଙ୍କୁ ଚୟନ କମିଟିରେ



ବିଧିବଦ୍ଧ ଭାବେ ସାମିଲ୍ କରିଛି। ଏହାଛଡ଼ା ମହିଳା କ୍ରିକେଟ୍ ଚୟନ କମିଟିରେ ଅମିତା ଶର୍ମାଙ୍କୁ ନୂଆ ଚେୟାର ପର୍ସନ ଭାବେ ସାମିଲ୍ କରିଯାଇଛି। ସେହିପରି ମହିଳା ସୁଲକ୍ଷଣା ନାୟକ, ଶ୍ରୀବନତି ନାୟଡୁ, ଶ୍ୟାମା ଡେ ଏବଂ ଜୟା ଶର୍ମାଙ୍କୁ ବିସିସିଆଇ ମହିଳା ଚୟନ କମିଟିରେ ସାମିଲ୍ କରାଯାଇଛି। ସେହିଭଳି ଜୁନିୟର ସିଲେକ୍ସନ ପ୍ୟାନେଲରେ ଏସ ଶରଥଙ୍କୁ ଚୟନକର୍ତ୍ତା ଭାବେ ନିଯୁକ୍ତି ମିଳିଛି।

ଶିବ ସୁନ୍ଦର ଦାସଙ୍କ ପରେ ପ୍ରଜ୍ଞାନ ଓଝା ଦ୍ୱିତୀୟ ବ୍ୟକ୍ତି ଯିଏ ବିସିସିଆଇ ଚୟନ କମିଟିରେ ସ୍ଥାନ ପାଇଛନ୍ତି। ପ୍ରଥମେ ପୂର୍ବତନ କ୍ରିକେଟର ଶିବ ସୁନ୍ଦର ଦାସଙ୍କୁ ସିଲେକ୍ସନ କମିଟିରେ ସାମିଲ୍ କରାଯାଇଥିଲା। ଏବେ ଏହି ସୁଯୋଗ ପ୍ରଜ୍ଞାନଙ୍କୁ ମିଳିଛି। ପ୍ରଜ୍ଞାନ ଓଝା ଇଣ୍ଟର ନ୍ୟାସନାଲ କ୍ରିକେଟରୁ ୨୦୨୦ ଫେବ୍ରୁଆରୀ ମାସରେ ଅବସର ଘୋଷଣା କରିଥିଲେ। ଏହି ଓଡ଼ିଆ କ୍ରିକେଟର ୨୦୦୯ରେ ଏମସ ଧୋନିଙ୍କ ସମୟରେ ଟି-୨୦ରେ ଟିମ୍ ଇଣ୍ଡିଆରେ ପ୍ରବେଶ କରିଥିଲେ। ସେ ଭାରତ ପାଇଁ ୬ ଟି-୨୦, ୧୮ ଦିନିକିଆ, ୨୪ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ରେଡ୍ ବଲ୍ କ୍ରିକେଟରେ ୧୧୩ଟି ୱିକେଟ୍ ଅକ୍ତିଆର କରିଛନ୍ତି। ସେହିପରି ଦିନିକିଆରେ ୨୧ଟି ଏବଂ ଟି-୨୦ରେ ମାତ୍ର ୧୦ଟି ୱିକେଟ୍ ନେଇବାରେ ସକ୍ଷମ ହୋଇଛନ୍ତି। ଇଣ୍ଡିଆ ପ୍ରିମିୟର ଲିଗ୍‌ରେ ଚମତ୍କାର ବୋଲିଂ କରି ୯୨ଟି ମ୍ୟାଚ୍‌ରେ ୮୯ ୱିକେଟ୍ ହାସଲ କରିଛନ୍ତି। ଶେଷ ଥର ପାଇଁ ଭେଟେରା ସଚିନ୍ ତେନ୍ଦୁଲକରଙ୍କ ବିଦାୟୀ ମ୍ୟାଚ୍‌ରେ ଇଣ୍ଟର ନ୍ୟାସନାଲ ଖେଳିଥିଲେ।

# ବିଶ୍ୱ ପାରା ତୀରନ୍ଦାଜୀ ଶୀତଲଙ୍କୁ ଐତିହାସିକ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ**

ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁ ଠାରେ ଆୟୋଜିତ ବିଶ୍ୱ ପାରା ତୀରନ୍ଦାଜୀରେ ଭାରତର ୧୮ ବର୍ଷୀୟା ତୀରନ୍ଦାଜ ଶୀତଲ ଦେବୀ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦୁଇ ହାତ ନଥିବା ପ୍ରତିଯୋଗୀ ଭାବେ ଏହି ପ୍ରତିଯୋଗିତାର ବ୍ୟକ୍ତିଗତ କମ୍ପାଉଣ୍ଡ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଭାରତୀୟ ହୋଇଛନ୍ତି। ପୁରୁଷ କମ୍ପାଉଣ୍ଡରେ ତୋମନ କୁମାର ସ୍ୱର୍ଣ୍ଣ ପଦକ ଜିତି ଭାରତର ଖୁସିକୁ ଦ୍ୱିଗୁଣିତ କରିଛନ୍ତି। ଭାରତୀୟ ଦୁଇ ଜଣ ବିଶ୍ୱବିଜେତା ହେବା ସହ ପାଞ୍ଚଟି ପଦକ ପାଇଛି। ଫାଇନାଲ୍‌ରେ ଜମ୍ମୁ କାଶ୍ମୀର ଝିଅ ଶୀତଲ ୧୪୬-୧୪୩ ପଏଣ୍ଟରେ ତୁର୍କିର ବିଶ୍ୱ ନମ୍ବର ୧ ଅନକୁର କୁରେଙ୍କୁ ହରାଇ ବିଜେତା ହୋଇଥିଲେ। ସେ ମଧ୍ୟ ଏହି ପ୍ରତିଯୋଗିତାର ଏକମାତ୍ର ଖେଳାଳି ଥିଲେ, ଯିଏ କେବଳ ଗୋଡ଼ ଓ ବେକ ଉପଯୋଗ କରି ତୀର ମାରି ସ୍ୱର୍ଣ୍ଣ ପଦକ ଜିତିବାର ବିରଳ ସଫଳତା ଲାଭ କରିଥିଲେ। ଏହା ପୂର୍ବରୁ ପ୍ୟାରିସ୍ ପାରାଲିମ୍ପିକ୍ସରେ ଶୀତଲ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ଚଳିତ ବିଶ୍ୱ ଚାମ୍ପିଅନସିପ୍‌ର ମହିଳା ଦଳଗତ ଏବଂ ମିଶ୍ରିତ ବର୍ଗରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ।

# ଖଣିଅଞ୍ଚଳ ଯୁବକଙ୍କ ବିରଳ କୃତିତ୍ୱ : ବିଶ୍ୱ ପାରା ଆଥଲେଟିକ୍ସରେ ଦେବାମୃତ

**କାଳିଆପାଣି**

ବିଶ୍ୱ ପାରା ଆଥଲେଟିକ୍ସ ସଂଘ ପକ୍ଷରୁ ଭାରତୀୟ ପାରା ଆଥଲେଟିକ୍ କମିଟି (ପିସିଆଇ) ଓ ଭାରତୀୟ ଖେଳ ପ୍ରାଧିକରଣ (ସାଇ) ସହଭାଗିତାରେ ନୂଆଦିଲ୍ଲୀର ଜବାହରଲାଲ୍ ନେହେରୁ ଷ୍ଟାଡିଅମ୍‌ରେ ଅନୁଷ୍ଠିତ ୧୧ ଦିନିଆ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଜଣେ ବୈଷୟିକ ଅଧିକାରୀ ଭାବେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି ସୁକିନ୍ଦା କ୍ରୋମ୍ ଉପତ୍ୟକାର ପ୍ରତ୍ୟକ୍ଷ ଖଣି ପ୍ରଭାବିତ ଅଞ୍ଚଳ ଟମକା ଗାଁର ଯୁବକ ଦେବାମୃତ ସାହୁ।

ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ସେ ଷ୍ଟାଡିଅମ୍‌ରେ ରହି ସେ ପିସିଆଇ ଓ ସାଇକୁ ଆନୁଷଙ୍ଗିକ ସହାୟତା ଯୋଗାଇଦେବେ। ପ୍ରତିଯୋଗିତାର ସଫଳ ଆୟୋଜନ ଦିଗରେ ବିଭିନ୍ନ ବୈଷୟିକ ଦିଗର ଅନୁଧ୍ୟାନ ଓ ବିଭାଗୀୟ ସମୀକ୍ଷା କରି ସେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ରିପୋର୍ଟ କରିବେ ଏବଂ ଆବଶ୍ୟକ ସ୍ଥଳେ ସେ ପରାମର୍ଶ ଦେବେ। ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦେବାମୃତଙ୍କ ଅଂଶଗ୍ରହଣକୁ ନେଇ ତାଙ୍କ ମା'ବାପା ପଦ୍ମିନୀ ଓ ପ୍ରକାଶ ଚନ୍ଦ୍ର ସାହୁ, ପୈତୃକ ଗାଁ ଟମକା, ଖଣିଅଞ୍ଚଳ, ସହପାଠୀ ଓ ସହକର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି।

ଦେବାମୃତ ଏବେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟରତ। କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗ ତଥା ପିସିଆଇ ପକ୍ଷରୁ ଦେବାମୃତଙ୍କୁ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ମନୋନୀତ କରାଯାଇଥିଲା।



ଦେବାମୃତ ଏବେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟରତ। କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗ ତଥା ପିସିଆଇ ପକ୍ଷରୁ ଦେବାମୃତଙ୍କୁ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ମନୋନୀତ କରାଯାଇଥିଲା। ଏଥିପାଇଁ ଦେବାମୃତଙ୍କୁ ୧୭ ଦିନିଆ ସ୍ୱତନ୍ତ୍ର ଛୁଟି (ଗତ ୨୨ ତାରିଖରୁ ଆସନ୍ତା ୮ ତାରିଖ) ପ୍ରଦାନ କରିବାକୁ ବିଭାଗୀୟ ଆୟୋଜନ ସମିତି ସମ୍ପାଦକ ଜୟନ୍ତ ଜିଏଚ୍ ଗତ ୪ ତାରିଖରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଦରଖାସ୍ତ କରିଥିଲେ। ଦେବାମୃତ ୨୩ ତାରଖରୁ ନୂଆଦିଲ୍ଲୀରେ ପହଞ୍ଚି ବିଶ୍ୱ ପାରା ଆଥଲେଟିକ୍ସ ପ୍ରତିଯୋଗିତାରେ ଆନୁଷଙ୍ଗିକ ଦାୟିତ୍ୱ ନିର୍ବାହ କରୁଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଅସି ଚାଳନା ବିଭାଗରେ ଦେବାମୃତ ଜଣେ ଅନ୍ତର୍ଜାତୀୟ ପାରା ଖେଳାଳି ଭାବେ ଏକାଧିକ ବାର ଭାରତର ପ୍ରତିନିଧିତ୍ୱ କରିଥିଲେ।

# କାଳରାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ ଓ ଭଗବତୀ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ନବରାତ୍ରର ସପ୍ତମ ଦିନରେ ସୋନପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲାଯାଇ ଯଥାବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ରବିବାର କାଳରାତ୍ରୀ ବେଶରେ ମା' ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ସପ୍ତମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବାଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହରର ସର୍ବ ପୁରାତନ ମା' ଭଗବତୀଙ୍କ ପୀଠରେ ମଧ୍ୟ କାଳରାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା' ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ୍ୟ କାଳରାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା' ଦୁର୍ଗା। 'କାଳରାତ୍ରି' ମା' ଦୁର୍ଗାଙ୍କର ସପ୍ତମ ଶକ୍ତି। ତାଙ୍କର ଶରୀରର ବର୍ଣ୍ଣ ନିରନ୍ଧ୍ର ଅନ୍ଧକାର ପରି କଳା। ମସ୍ତକର କେଶ ଆଲୁଳାୟିତ ଗଳାରେ ବିଦ୍ୟୁତ୍ ପରି ଦୀପ୍ତ ମାଳା। ସେ ତ୍ରିନେତ୍ରା ଏବଂ ସେହି ନେତ୍ରତ୍ରୟ ବ୍ରହ୍ମାଣ୍ଡ ପରି ବର୍ତ୍ତୁଳ। ତାଙ୍କର ନାସିକାର ଶ୍ୱାସ ପ୍ରଶ୍ୱାସରେ ବହୁଶିଖା ଦୃଶ୍ୟମାନ ହୁଏ। ଦେବୀ ଗର୍ଦ୍ଦଭବାହନା ଓ ଚତୁର୍ଭୁଜା। ତାଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ଓ ବରଦମୁଦ୍ରା ଏବଂ ବାମ ଦୁଇ ଭୁଜରେ ଲୌହକଣ୍ଟକ ଓ ଖଡ୍‌ଗ ପରିଲକ୍ଷିତ ହୁଏ। ମାତ୍ର ରୂପ ଭୟଙ୍କର ହେଲେ ମଧ୍ୟ ଏହି ଦେବୀ ଦୃଷ୍ଟ ବିନାଶିନୀ ଓ ମଙ୍ଗଳଦାତ୍ରୀ ତେଣୁ ତାଙ୍କର ଅନ୍ୟନାମ 'ଶୁଭଙ୍କରୀ'। 'କାଳରାତ୍ରି' ନବରାତ୍ରିର ସପ୍ତମଦିନର ଉପାସ୍ୟା ଏହି ଦିନ ସାଧକଙ୍କର ମନ ସହସ୍ରାରଚକ୍ରରେ ଅବସ୍ଥାନ କରେ। ଦେବୀଙ୍କର ସାକ୍ଷାତ ସାଧକଙ୍କୁ ମହାପୁଣ୍ୟ ପ୍ରଦାନ କରେ ତାଙ୍କର ସମସ୍ତ ପାପ ଓ ବାଧାବିଘ୍ନର ବିନାଶ ଘଟି ସେ ଅକ୍ଷୟ ପୁଣ୍ୟର ଅଧିକାରୀ ହୁଅନ୍ତି।

# ସଡ଼କ ଦୁର୍ଘଟଣାରେ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ବାଲିସାହି ତାରିଣୀ ଛକ ନିକଟରେ ଦୁର୍ଘଟଣାରେ ଜଣେ ହାଇୱା ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ରାସ୍ତା ଉପରେ ଛିଡ଼ାହୋଇଥିବା ଟ୍ରକ୍ ପଛରେ ହାଇୱା ଟ୍ରକ୍‌ଟି ଖୁବ୍ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ହାଇୱା ଡ୍ରାଇଭର ଉତ୍ତରପ୍ରଦେଶ ଚନ୍ଦୁଆଲି ଅଞ୍ଚଳର ଆଲୋକଯାଦବ (୩୫)ଙ୍କର ମୃତ୍ୟୁ ଘଟିଥିଲା। ଡ୍ରାଇଭର ଜଣକ ଚାପି ରହିଥିବା ବେଳେ ଅଗ୍ନିଶ୍ରମ କର୍ମଚାରୀମାନେ ଉଦ୍ଧାର କରି ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ



**ଆଠଗଡ଼**

ଆଠଗଡ଼ ବ୍ୟାଡ୍‌ମିଣ୍ଟନ କ୍ଲବ ଉଦ୍ୟମରେ ପ୍ରଥମ ଥର ପାଇଁ ଏକ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚମ୍ପିଆନସିପ ଉଦ୍‌ଘାଟିତ ହୋଇ ଯାଇଛି। ଦୁଇ ଦିନିଆ ଏହି ପ୍ରତିଯୋଗିତା ଆଠଗଡ଼ ଇନଡୋର ଷ୍ଟାଡିୟମ ବିଜୁ ପଟ୍ଟନାୟକ ଖେଳ ଭବନଠାରେ ଦୁଇଦିନ ଧରି ଚାଲିବ। ଆୟୋଜକ କ୍ଲବ ସଭାପତି ଅଶୋକ କୁମାର ରାଉତ ଓ ସମ୍ପାଦକ ଆଇନଜୀବୀ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହିଭଳି ପ୍ରତିଯୋଗିତା ଆୟୋଜନ ଦ୍ୱାରା ବ୍ୟାଡ୍‌ମିଣ୍ଟନ ଖେଳ ପ୍ରତି ପିଲାମାନଙ୍କ ଆଗ୍ରହ ବୃଦ୍ଧି ହେବା ସହିତ ଆଞ୍ଚଳିକ ସଦଭାବ ଓ ଭାଇଚାରା ସୁଦୃଢ଼ ହେବ ବୋଲି ଶ୍ରୀ ଭଞ୍ଜ ମତପ୍ରକାଶ କରିଥିଲେ।

ପ୍ରତିଯୋଗିତାରେ ମୋଟ ତିନିଟି ବର୍ଗରେ ଯଥା ୧୫ ବର୍ଷରୁ କମ୍ ବର୍ଗରେ ୧୬ଟି ଦଳ, ୧୬ରୁ ୪୦ ବର୍ଷ ବର୍ଗରେ ୩୨ଟି ଦଳ ଏବଂ ୪୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଯଥା ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କଟକ, ଯାଜପୁର, ଭଦ୍ରକ, ନୟାଗଡ଼ ଓ ବାଲେଶ୍ୱରରୁ ପ୍ରତିଯୋଗୀମାନେ ଯୋଗ ଦେଇଛନ୍ତି। ଆଠଗଡ଼ ବ୍ୟାଡ୍‌ମିଣ୍ଟନ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଏହି ପ୍ରଥମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି।

# ସର୍ପଦଂଶନରେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ୟାସନଗର ସହରରେ ସାପ କାମୁଡ଼ାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସା ଅଭାବରୁ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଘଟଣାରୁ ପ୍ରକାଶ ଯେ ବ୍ୟାସନଗର ପୌରପରିଷଦ ୮ ନମ୍ବର ଔଡ଼ କାଚହୁଡ଼ି ସାହିର ରମେଶ ପାତ୍ରଙ୍କ ଝିଅ ମେଘାରାଣୀଙ୍କୁ ରାତିରେ ଏକ ବିଷଧର ରଣାସାପ କାମୁଡ଼ିଥିଲା। ଘର ଲୋକେ ସାପକୁ ଦେଖି ତୁରନ୍ତ ସ୍ଥାନୀୟ ଯାଜପୁର ରୋଡ୍ ମେଡିକାଲକୁ ନେଇ ଯାଇଥିଲେ ଏବଂ ଡାକ୍ତରଙ୍କୁ ସାପ ମଧ୍ୟ ଦେଖାଇଥିଲେ। ଜିଲ୍ଲା ଚିକିତ୍ସାଳୟରେ କେବଳ ସାଲାଇନ ଦେଇ ଘଣ୍ଟାକ ପରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ମଧ୍ୟ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିବାରୁ ଘରୋଇ ଆମ୍ବୁଲାନ୍ସ ସହାୟତାରେ କଟକ ମେଡ଼ିକାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମେଡ଼ିକାଲରେ ସାପ କାମୁଡ଼ା ଔଷଧ ମହଜୁଦ ରହିବାର ନିର୍ଦ୍ଦେଶ ରହିଥିବା ବେଳେ ଯାଜପୁର ରୋଡ୍ ମେଡ଼ିକାଲରେ କାହିଁକି ମହଜୁଦ ନ ଥିଲା ବୋଲି ପ୍ରଶ୍ନ କରିବା ସହ ପରିବାର ଲୋକେ ଚିକିତ୍ସା ଅଭାବରୁ ଝିଅଟିର ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି।

# ରେଳ ଯାତ୍ରୀ ସଂଘର ନୂତନ ଟ୍ରେନ୍ ଓ ପ୍ରକଳ୍ପ ନେଇ ଦାବିପତ୍ର ପ୍ରଦାନ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ରେଳୱେ ଷ୍ଟେସନ୍‌ରୁ ଅମୃତ ଭାରତ ଟ୍ରେନ୍‌କୁ ଲୋକସଭା ସାଂସଦ ସଙ୍ଗୀତା ସିଂହଦେଓ, ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ, ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ବାଣିଜ୍ୟ ଅଧିକାରୀ ଗରିମା ତିୱାରୀ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ସବୁଜ ପତାକା ଦେଖାଇଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ରେଳ ଯାତ୍ରୀ ସଂଘ ତରଫରୁ ସମ୍ବଲପୁର ମଣ୍ଡଳ ବରିଷ୍ଠ ବାଣିଜ୍ୟ ଅଧିକାରୀ ଗରିମା ତିୱାରୀଙ୍କ ମାଧ୍ୟମରେ ରେଳମନ୍ତ୍ରୀ ଏକ ଦାବିପତ୍ର ଦିଆଇଥିଲା। ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଯାତ୍ରୀମାନଙ୍କ ସୁବିଧା ପାଇଁ କିଛି ମୁଖ୍ୟ ଦାବିଗୁଡ଼ିକ ଦାବିପତ୍ର ରେ ଉଲ୍ଲେଖ କରାଯାଇଛି। ଦୁର୍ଗ-ପୁରୀ ଭିତରେ ନୂତନ ବନ୍ଦେ ଭାରତ ଏକ୍ସପ୍ରେସ (ସ୍ଲିପର୍ କୋଚ୍) ଆରମ୍ଭ। ହାଟିଆରୁ ପ୍ରସ୍ତାବିତ ବନ୍ଦେ ଭାରତ ଟ୍ରେନ୍ (ହାଟିଆ-ପୁରୀ, ହାଟିଆ-ବ୍ୟାଙ୍ଗାଲୋର, ହାଟିଆ-ପୁଣେ, ହାଟିଆ-ରାୟପୁର)କୁ



ଟିଟଲାଗଡ଼-କଣ୍ଟାବାଞ୍ଜି-ନୂଆପଡ଼ା-ରାୟପୁର ମାର୍ଗରୁ ଚଳାଇବା

ବିଶାଖାପଟ୍ଟନମପ୍ରୟାଗରାଜ ଏକ୍ସପ୍ରେସ୍‌କୁ ରାୟପୁର-ବିଲାସପୁର ମାର୍ଗ୍ରରୁ ଚଳାଇବା, ଯାହା ଧାର୍ମିକ ଯାତ୍ରୀମାନଙ୍କୁ ସୁବିଧା ଦେବ। କୋଭିଡ୍ ସମୟରେ ବନ୍ଦ ହୋଇଥିବା ସମ୍ବଲପୁର-ବାଙ୍ଗାଲୋର ଏକ୍ସପ୍ରେସ୍‌କୁ ଟିଟଲାଗଡ଼-ରାୟପୁର-ଗୋଣ୍ଡିଆ ମାର୍ଗରୁ ପୁନଃ ଆରମ୍ଭ କରିବା। ରାୟପୁର-ସିକନ୍ଦରାବାଦ ସୁପରଫାଷ୍ଟ ଏକ୍ସପ୍ରେସ୍ (୧୨୭୭୧/୭୨)କୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ବିସ୍ତାର କରିବା, ଯାହା ପଶ୍ଚିମ ଓଡ଼ିଶା ଓ କେବିକେ ଅଞ୍ଚଳର ଲକ୍ଷେ ଶ୍ରମିକଙ୍କୁ ପ୍ରତ୍ୟକ୍ଷ ଲାଭ ଦେବ।

ଏହା ସହ ସଂଘ ପକ୍ଷରୁ ପ୍ରମୁଖ ଦାବି କରଛି ଯେ, ବିଗତ ୩୦ ଜାନୁଆରୀ ୨୦୨୪ରେ ରେଳମନ୍ତ୍ରଣାଳୟ ତରଫରୁ କଣ୍ଟାବାଞ୍ଜିରେ ୱାଗନ୍ ପିଓଏଚ ମରାମତି କେନ୍ଦ୍ରକୁ ଅନୁମୋଦନ ମିଳିଥିଲା ଓ ୫ ମାର୍ଚ୍ଚ ୨୦୨୪ରେ ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ୍ ମାଧ୍ୟମରେ ଭୂମିପୂଜନ ମଧ୍ୟ କରିଥିଲେ। କିନ୍ତୁ ଦେଢ଼ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। ଏହି ପ୍ରକଳ୍ପକୁ ଶୀଘ୍ର ଆରମ୍ଭ କରିବାକୁ ସଂଘ ଦାବି କରିଛି। ସଂଘର କହିବା ଅନୁଯାୟୀ, ଯଦି ଟ୍ରେନ୍‌ଗୁଡ଼ିକୁ ଟିଟଲାଗଡ଼-କଣ୍ଟାବାଞ୍ଜି-ନୂଆପଡ଼ା-ରାୟପୁର ମାର୍ଗରୁ ଚଳାଇଯାଏ, ତେବେ ଯାତ୍ରା ସମୟ ଓ ଦୂରତା ଦୁହିଁ କମିବ। ଏହା ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ର ଲକ୍ଷେ ଯାତ୍ରୀଙ୍କୁ ସିଧାସଳଖ ସୁବିଧା ଦେବ।

ଏହି ସମୟରେ କଣ୍ଟାବାଞ୍ଜି ରେଳ ଯାତ୍ରୀ ସଂଘର ଅଧ୍ୟକ୍ଷ ଆଶିଷ ଅଗ୍ରୱାଲ, ସମ୍ପାଦକ ପ୍ରଭଜିତ ସିଂହ ସଲୁଜା, ଉପାଧ୍ୟକ୍ଷ କଂୱଲଜିତ ସିଂହ ମାଖିଜା, କୋଷାଧ୍ୟକ୍ଷ ଆନନ୍ଦ ମୋଟେ ଓ ସହ ସମ୍ପାଦକ ଧନଞ୍ଜୟ ମଜଖଣ୍ଡ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ କିଛି ସଂଗଠନ ପକ୍ଷରୁ ମଧ୍ୟ ଦାବିପତ୍ର ଦିଆଯାଇଥିଲା

## ଏଫଏମୟୁ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

# ପୋଷ୍ୟ ଗ୍ରାମରେ ସଚେତନତା ରାଲି ଓ ବ୍ୟାପକ ସ୍ୱଚ୍ଛତା ଅଭିଯାନ

**ବାଲେଶ୍ୱର, ନ୍ୟୁଜ୍**

ସମଗ୍ର ଦେଶରେ ପାଳିତ 'ସ୍ୱଚ୍ଛତା ହିଁ ସେବା' ପର୍ବର ଅଂଶ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଓ କୋ-ୟୁନିଟ୍‌ମାନଙ୍କ ସହଯୋଗ ମାଧ୍ୟମରେ, ଗ୍ରାମ୍ୟ ସ୍ତରରେ ସ୍ୱଚ୍ଛତା ସଚେତନତା ରାଲି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ, ବିଶ୍ୱବିଦ୍ୟାଳୟ ଦ୍ୱାରା ପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁରରେ ଏକ ସୁସଙ୍ଗଠିତ ସଫେଇ ଅଭିଯାନର ସଫଳ ରୂପାୟନ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ଅଭିଯାନରେ ଏନଏସଏସର ପ୍ରୋଗ୍ରାମ ଅଫିସର ଡକ୍ଟର ପ୍ରତିମା ପ୍ରଧାନ ଓ ଅଭୟ ନାୟକଙ୍କ ସମନ୍ୱୟରେ ତଥା ଏନଏସଏସର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏବଂ ଏନଏସଏସର କାର୍ଯ୍ୟକର୍ତ୍ତା ତାପସ ପଟ୍ଟନାୟକ ସହିତ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ



କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ମର୍ଦ୍ଦରାଜପୁର ଗ୍ରାମର ସରପଞ୍ଚ, ୱାର୍ଡ ସଦସ୍ୟ ଓ ଗ୍ରାମବାସୀମାନେ ମଧ୍ୟ ବିଶ୍ୱବିଦ୍ୟାଳୟ ସହ ସହଭାଗୀ ହୋଇ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ସୁରକ୍ଷା ଓ ଗୋଷ୍ଠୀଗତ ଦାୟିତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ – "ସ୍ୱଚ୍ଛତା କେବଳ ପରିବେଶକୁ ସଫା ରଖିବାରେ ସୀମିତ ନୁହେଁ, ଏହା ସମାଜରେ ଦାୟିତ୍ୱବୋଧ ଓ ଶୃଙ୍ଖଳା ଗଠନ କରିବାର ଲକ୍ଷ୍ୟ ଓ ମାଧ୍ୟମ।' ଏପରି ପ୍ରୟାସ ଦ୍ୱାରା, ସାମାଜିକ ଦାୟିତ୍ୱଶୀଳ ନାଗରିକ ସୃଷ୍ଟିରେ ବିଶ୍ୱବିଦ୍ୟାଳୟ ନିଜ କର୍ତ୍ତବ୍ୟବୋଧତା ଓ ପ୍ରତିଶ୍ରୁତିକୁ ପାଳନ କରିବାନେଇ ଆଶାବ୍ୟକ୍ତ କରିଥିଲେ।

ସଚେତନତା ରାଲି ଓ ସ୍ୱଚ୍ଛତା ଅଭିଯାନରେ ଜନସାଧାରଣଙ୍କ ଯୋଗଦାନ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା ଓ ଛାତ୍ରଛାତ୍ରୀମାନଙ୍କ ସହିତ ଗ୍ରାମବାସୀମାନେ ମଧ୍ୟ ଦୈନିକ ଜୀବନରେ ସ୍ଥାୟୀ ସ୍ୱଚ୍ଛତା ପ୍ରଥା ଅନୁସରଣରେ ପ୍ରେରିତ ହୋଇଥିଲେ।

# ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ଘୋଷଣାକୁ ବିରୋଧ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ସଭାପତି ନାମ ଘୋଷଣାକୁ ନେଇ ସମଗ୍ର ଜିଲ୍ଲାରେ ବିଦ୍ରୋହର ସୂତ୍ରପାତ ସୃଷ୍ଟି ହୋଇଛି। କଂଗ୍ରେସ କର୍ମୀମାନେ ନୂତନ ସଭାପତିଙ୍କ ନିଯୁକ୍ତିକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଓ ନିରୁତ୍ସାହିତ ହୋଇ ପଡ଼ିଛନ୍ତି। ଜିଲ୍ଲା ସଭାପତି ପତି ଚୟନର ପ୍ରକ୍ରିୟା କେବଳ ପହସନ ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଖୋଲା ଖୋଲି କହି ବୁଲୁଛନ୍ତି। ପରୋକ୍ଷରେ ପିସିସି ସଭାପତିଙ୍କୁ କାର୍ଯ୍ୟ କଳାପକୁ କଟୁ ସମାଲୋଚନା କରୁଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ଯାଜପୁରଜିଲ୍ଲାରେ ସଂଗଠନ ସୃଜନ ଅଭିଯାନ ଜରିଆରେ କେନ୍ଦ୍ର ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ସାଂସଦ ଚାରୁଲତା ଟୋକଶ ପ୍ରଥମେ ଗତ ମାସ ୮ ତାରିଖରେ ଯାଜପୁର ଠାରେ ଜିଲ୍ଲାସ୍ତରୀୟ କର୍ମୀସମ୍ମିଳନୀ ମଧ୍ୟରେ ଯେଉଁମାନେ ଜିଲ୍ଲା ସଭାପତି



ଭାବେ ଆଗ୍ରହୀ ଦରଖାସ୍ତ କରିବାକୁ ଘୋଷଣା କରିଥିଲେ। ସେହି ହିସାବରେ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ସଭାପତି ଭାବେ ବିଦ୍ୟାଧର ମହାନ୍ତି ସନ୍ତୋଷ କୁମାର ନନ୍ଦ, ସୁଦୀପ୍ତ କର, ଶ୍ରୀନାଥ ମିଶ୍ର, କିଷାନପଣ୍ଡା ମାଗୁଣି ଜେନା ଓ ଗଣେଷ ଦାସ ପ୍ରମୁଖ ଦରଖାସ୍ତ କରିଥିଲେ। କାରଣ ରାହୁଲ ଗାନ୍ଧୀ ଓ ମାଲିକର୍ଜୁନ ଖଡ୍‌ଗେଙ୍କ ନିର୍ଦ୍ଦେଷ ଅନୁସାରେ ତଳସ୍ତରରୁ କର୍ମୀମାନଙ୍କ ପ୍ରସ୍ତାବ ଓ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ତଥା ସର୍ବନିମ୍ନ କଂଗ୍ରେସ ଦଳରେ ୫ ବର୍ଷ ନିଷ୍ଠାର ସହିତ କାର୍ଯ୍ୟ କରଥିଲେ ସେ ପ୍ରାର୍ଥୀ ହୋଇପାରିବେ ବୋଲି ଉଲ୍ଲେଖ ଥିବା ବେଳେ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଜିଲ୍ଲାରେ ଥିବା ୧୦ ଗୋଟି ବ୍ଲକ୍ ଓ ୨ ଗୋଟି ମ୍ୟୁନିସିପାଲିଟିର କର୍ମୀମାନେ ପାର୍ଥୀମାନଙ୍କ ଯୋଗ୍ୟତା ଓ ଦକ୍ଷତାକୁ ଦେଖିବା ସହିତ ୨୪ ବର୍ଷ ବିଜେଡି, ୧୫ ମାସର ବିଜେପି ସରକାରଙ୍କ ବିଫଳତା ବିରୋଧରେ କେଉଁ ନେତା ଲଢ଼ି ନିଜ ଦଳକୁ ଆଗକୁ ନେବାକୁ ପ୍ରୟାସ କରିଥିଲେ। ଏହା ଥିଲା ଚୟନର ମାପକାଠି କିନ୍ତୁ କଂଗ୍ରେସ ଭୋଟ ଚୋରି ପାଇଁ ଲଢ଼େଇ କରୁଥିବା ବେଳେ ନିଜ ଦଳରେ କର୍ମୀମାନେ ଦେଇଥିବା ମତାମତକୁ ଚୋରି କରି ଖୁବ୍ କମ୍ ଦିନରେ ଦଳକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ କିପରି ଜିଲ୍ଲା ସଭାପତି କରାଗଲା। ଏହି ଅସନ୍ତୋଷ ବ୍ୟାପିବା ସହିତ ଦଳ ଉପରେ ସାଧାରଣକର୍ମୀଙ୍କ ଭରସା ତୁଟି ଯାଇଥିବା ଶୁଣାଯାଉଛି। ଏଠାରେ ସୂଚନା ଯୋଗ୍ୟ ଦିଲ୍ଲୀରୁ ଆସିଥିବ କଂଗ୍ରେସର ପର୍ଯ୍ୟବେକ୍ଷକ ଯାଜପୁର ରୋଡ୍‌ରେ ବହୁ ଭଲ ହୋଟେଲ ଥିବାବେଳେ କାହିଁକି ଜଣେ ପ୍ରଭାବଶାଳୀ ବିଜେଡ଼ି ନେତାଙ୍କ ହୋଟେଲରେ ରହି କଂଗ୍ରେସ ଦଳକୁ ଜିଲ୍ଲାରେ ପ୍ରଭାବହୀନ କରିବାକୁ ଏହା ଚକ୍ରାନ୍ତ ନୁହେଁ ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଗାମୀ ଦିନରେ କଂଗ୍ରେସ ଦଳ ଜିଲ୍ଲାରେ ତୃତୀୟ ସ୍ଥାନରେ ରହିବାରେ କେଉଁଠିନା କେଉଠି ହେଉଥିବା ରଣକୌଶଳକୁ ଏଡ଼ାଇ ଦିଆଯାଇ ନ ପାରେ। ଜିଲ୍ଲାରେ ୭ ଦିନ ଧରି ଏହି କର୍ମଶାଳା ଏକ ପ୍ରହସନ ବୋଲି ପ୍ରମାଣିତ ହୋଇଛି। ଜିଲ୍ଲା ସଭାପତି ଘୋଷଣାକୁ ନେଇ ଯାଜପୁର ଜିଲ୍ଲାରେ କଂଗ୍ରେସ ନେତା କର୍ମୀମାନଙ୍କ ବିଦ୍ରୋହର ନିଆଁ ଜଳୁଛି। ଜିଲ୍ଲାରେ କଂଗ୍ରେସର ସ୍ଥିତ ନ ଥିବା ବେଳେ ନୂତନ ସଭାପତିଙ୍କ ନାମ ଘୋଷଣାକୁ ନେଇ କର୍ମୀମାନେ ନିରୁତ୍ସାହିତ ହୋଇ ପଡ଼ିଛନ୍ତି ଅଧିକାଂଶ କର୍ମୀ ବିଜେପି। ବିଜେଡି ଦଳକୁ ଯିବାକୁ ଗୁପ୍ତ ମନ୍ତ୍ରଣା କରୁଥିବାର ସୁରାକ୍ ମିଳୁଛି। ଅନାମ ଦ୍ୱୟଙ୍କୁ ସଭାପତି ନାମ ଘୋଷଣାକୁ ବରିଷ୍ଠ କଂଗ୍ରେସ ଦଳର କର୍ମୀମାନେ ଦଳ ପାଇଁ ଜେଲ୍ ଯାଇଛନ୍ତି। କଂଗ୍ରେସ ପାଇଁ ସେମାନଙ୍କ ତ୍ୟାଗ ଥିଲା ବେଳେ ଜଣେ କଂଗ୍ରେସ ଦଳ ପାଇଁ କିଛି ତ୍ୟାଗ କରି ନ ଥିବା ଅପରିପକ୍ୱ ବ୍ୟକ୍ତିଙ୍କୁ ଜିଲ୍ଲା ସଭାପତି କରିବା କଂଗ୍ରେସ କର୍ମୀ ମାନେ ହଜମ କରିପାରୁନାହାନ୍ତି। ଏହି ଜିଲ୍ଲାରେ କଂଗ୍ରେସର ଯେଉଁ ସ୍ଥିତି ଅଛି ତାହା ରସାଗାମୀ ହେବ ବୋଲି ରାଜନୈତିକ ବେକ୍ଷକମାନେ ମତ ଦେଉଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ସେପ୍ଟେମ୍ବର ୨୦୨୫ ସୋମବାର





# ସ୍ୱଦେଶୀ ଆପଣାଅ ଦେଶକୁ ଆଗକୁ ବଢାଅ : ସାଂସଦ ବୈଜୟନ୍ତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**




ନିଜର ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଜିନିଷ ପଦାର୍ଥ ଆପଣାଇବା ସହ ନୂତନ ପିଢିକୁ ମଧ୍ୟ ସ୍ୱଦେଶୀ ଆପଣାଇବା ପାଇଁ ପ୍ରବର୍ତାଇବା ପାଇଁ ସାଂସଦ ବୈଜୟନ୍ତ ପଣ୍ଡା ଅନୁରୋଧ କରିଛନ୍ତି । ସଂସ୍କୃତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବୁଦ୍ଧିଜିବୀ ଓ ଜିଏସ୍‌ଟି ସୁଧାର ଆଲେଚନା ଚକ୍ରରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସଦ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ଅୟୋଜିତ ଏହି ସମ୍ମିଳନୀରେ ଯାଜପୁର ସାଂସଦ ରବି ନାରାୟଣ ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ବିଜେପି ପାର୍ଟି ଦ୍ୱାରା ଆୟୋଜିତ ଏହି ଅଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ସାଂସଦ ଶ୍ରୀ ପଣ୍ଡା ସମ୍ମାନିତ କରିଥିଲେ। ଏଥି ସହ ଜିଲ୍ଲାରେ କ୍ରୀଡା, ସଂଗୀତ, କଳା, ସାହିତ୍ୟ, ସଂସ୍କୃତି, ଚିତ୍ର, ନାଟ୍ୟରେ ଉଲ୍ଲେଖନୀୟ ଅବଦାନ ଥିବା ୩୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରା ଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଭୂବନ ମୋହନ ଜେନା, ଦୁର୍ଯୋଧନ ସାହୁ, ଗୀତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ଦୋଳ ଗୋବିନ୍ଦ ଜେନା, କିଶୋର ପଣ୍ଡା, ଅର୍ଚ୍ଚନା ନାୟକ, ସୁନାକର ବେହେରା, ସଂଜୟ ରଥ, ସଲିମ ଖାନ, ବୈଦନାଥ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ପଣ୍ଡା ଦିନ ୧୦ଟା ବେଳେ ୪ନଂ ୱାର୍ଡର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କୁ ମନ୍ କି ବାତ୍, ନୂଆ ବସଷ୍ଟାଣ୍ଡରେ ଥିବା ବୟୋନିକା, ଜଝାଙ୍ଗରେ ଥିବା କାଇଁଚ ପ୍ରଭୃତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥି ସହିତ ଜିଲ୍ଲାର ବୃଦ୍ଧିଜୀବି ମାନଙ୍କୁ ସମ୍ମାନିତ କରିବା ସହ ନୂଆ ବସଷ୍ଟାଣ୍ଡର ବ୍ୟବସାୟୀ ସଂଘର କର୍ମକର୍ତ୍ତା ମାନଙ୍କ ସହ ଜିଏସଟି ସୁଧାର ସଂପର୍କରେ ଆଲୋଚନା କରିଥିଲେ।

# କରୁର ଦଳାଚକଟାରେ ଜୀବନହାନୀ ପାଇଁ ଶୋକ ପ୍ରକାଶ କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ରବିବାର ତାମିଲନାଡୁର କରୁର ଦଳାଚକଟାରେ ୩୯ ଜଣଙ୍କ ଜୀବନ ଯାଇଥିବାରୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ପଟ୍ଟନାୟକ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଏକ୍ସରେ ଏକ ପୋଷ୍ଟରେ ନବୀନ ପଟ୍ଟନାୟକ ଲେଖିଛନ୍ତି, 'ତାମିଲନାଡୁର କରୁରରେ ଏକ ରାଲିରେ ଦଳାଚକଟାରେ ଏତେ ଲୋକଙ୍କ ମୃତ୍ୟୁ ବିଷୟରେ ଜାଣି ଗଭୀର ଦୁଃଖ ଅନୁଭବ କରୁଛି । ଏହି କଷ୍ଟକର ସମୟରେ ମୋର ଭାବନା ଏବଂ ପ୍ରାର୍ଥନା ଶୋକସନ୍ତପ୍ତ ପରିବାର ସହିତ ଅଛି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି ।'

# ଦିଲ୍ଲୀ-ଏନ୍‌ସିଆରରେ ସବୁଜ ବାଣ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ :**



ସୁପ୍ରିମକୋର୍ଟ ଦୀପାବଳି ପୂର୍ବରୁ ଦିଲ୍ଲୀ-ଏନ୍‌ସିଆରରେ ସବୁଜ ବାଣ ପ୍ରସ୍ତୁତ କରିବାକୁ ଅନୁମତି ଦେଇଛନ୍ତି। ଯେଉଁ ନିର୍ମାତାମାନଙ୍କ ନିକଟରେ ସବୁଜ ବାଣ ପ୍ରସ୍ତୁତି ଲାଗି ନ୍ୟାସନାଲ ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଓ ପେଟ୍ରୋଲିୟମ୍ ଆଣ୍ଡ ଏକ୍ସପ୍ଲୋସିଭ୍‌ସ୍ ସେଫ୍ଟି ଅରଗାନାଇଜେସନ୍ ପକ୍ଷରୁ ଜାରି ଲାଇସେନ୍ସ ରହିଛି ସେମାନେ ହିଁ ବାଣ ପ୍ରସ୍ତୁତ କରିପାରିବେ ବୋଲି କୋର୍ଟ କହିଛନ୍ତି । ଏହି ସମୟରେ ସିଜେଆଇ ଜଷ୍ଟିସ୍ ବି.ଆର. ଗଭଇ, ଜଷ୍ଟିସ୍ କେ.ବିନୋଦ ଚନ୍ଦ୍ରନ୍ ଓ ଜଷ୍ଟିସ୍ ଏନ୍ ଭି ଅନ୍‌ଜାରିଆଙ୍କ ଖଣ୍ଡପୀଠ ବାଣ ନିର୍ମାତାମାନଙ୍କ ଲାଗି ଏକ ସର୍ତ୍ତ ମଧ୍ୟ ରଖିଛନ୍ତି । ସେ ଅନୁସାରେ, କୋର୍ଟଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଦିଲ୍ଲୀ-ଏନ୍‌ସିଆରରେ କେହି ବାଣ ବିକ୍ରି କରିବେ ନାହିଁ । ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୮ରେ ହେବ । ଏହାପୂର୍ବରୁ ସୁପ୍ରିମକୋର୍ଟ ଏପ୍ରିଲ ୩ ତାରିଖରେ ଦିଲ୍ଲୀ-ଏନ୍‌ସିଆରରେ ବାଣ ଉପରେ ବ୍ୟାନ୍ କେବଳ ଶୀତଦିନ ପରିବର୍ତ୍ତେ ବର୍ଷ ସାରା ଲାଗୁ କରିବାକୁ ଆଦେଶ ଦେଇଥିଲେ । ସେହି ରାୟକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ଆଜି ସେହି ମାମଲାର ଶୁଣାଣି ସମୟରେ ଖଣ୍ଡପୀଠ କହିଛନ୍ତି ଯେ, ବାଣ ଉପରେ ସଂପୂର୍ଣ୍ଣ ବ୍ୟାନ୍ ସମ୍ଭବ ନୁହେଁ । ଏହା ଠିକ୍ ମଧ୍ୟ ନୁହେଁ । ବିହାରରେ ଖଣି ଖନନ ସଂପୂର୍ଣ୍ଣ ବ୍ୟାନ୍ ହେବା ଯୋଗୁ ବେଆଇନ ମାଫିଆଙ୍କୁ ପ୍ରୋତ୍ସାହନ ମିଳିଥିଲା । ତେଣୁ ଏହି ମାମଲାରେ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ରହିଛି । ଏଭଳିସ୍ଥଳରେ ଦିଲ୍ଲୀ ସରକାର, ବାଣ ପ୍ରସ୍ତୁତକାରୀ, ବିକ୍ରେତାଙ୍କ ସମେତ ସମସ୍ତ ହିତାଧିକାରୀଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାର ବାଣ ଉପରେ ସଂପୂର୍ଣ୍ଣ ବ୍ୟାନ୍‌କୁ ସଂଶୋଧିତ କରିବାର ପ୍ରସ୍ତାବ ଆଣନ୍ତୁ । ଏକ ବ୍ୟବହାରିକ ସମାଧାନ ନେଇ ଆସନ୍ତୁ ଯାହାକୁ ସମସ୍ତେ ସ୍ୱୀକାର କରିବେ । ସେହିପରି କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତ ପକ୍ଷଙ୍କୁ ସାମିଲ କରିବା ଉଦ୍ଦେଶ୍ୟରେ କୋର୍ଟ ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟିଙ୍କୁ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଏଥିନେଇ ସୂଚୀତ କରିବାକୁ କହିଛନ୍ତି। ତିଆରି ସହ ବାଣ ଉପରେ ସଂପୂର୍ଣ୍ଣ ବ୍ୟାନ୍ ପାଇଁ ଆମିକସ୍ କ୍ୟୁରୀ ଅପରାଜିତା ସିଂହ ଦାବି କରିଥିଲେ । ଯଦି ଦିଲ୍ଲୀ-ଏନ୍‌ସିଆରରେ ବାଣ ତିଆରିକୁ ଅନୁମତି ଦିଆଯାଏ ତେବେ ପରବର୍ତ୍ତୀ ସମୟରେ ସେଗୁଡ଼ିକର ବିକ୍ରି ହେବ ବୋଲି ସେ ଦର୍ଶାଇଥିଲେ । ବାଣ ନିର୍ମାତାଙ୍କ ପକ୍ଷରୁ ହାଜର ବରିଷ୍ଠ ଓକିଲ ବଲବୀର ସିଂହ କଡ଼ା ସର୍ତ୍ତ ସହିତ ବାଣ ତିଆରିକୁ ଅନୁମତି ଦେବାକୁ ଦାବି କରିଥିଲେ । ସେ କହିଥିଲେ ଯେ, ବାଣ ନିର୍ମାତାମାନେ ସେମାନଙ୍କ ଉତ୍ପାଦନର ପରିମାଣକୁ ୱେବସାଇଟ୍‌ରେ ଦର୍ଶାଇପାରିବେ । ଏଥିସହ ସମସ୍ତ ଆବଶ୍ୟକୀୟ ଘୋଷଣାନାମା ଦେବେ। ଏହାପରେ ସିଜେଆଇ କହିଥିଲେ, ଯଦି ସେମାନେ ସମସ୍ତ ନିୟମ ପାଳନ କରିବେ ତେବେ ସେମାନଙ୍କୁ ବାଣ ପ୍ରସ୍ତୁତି ଲାଗି ଅନୁମତି ଦେବାରେ ଅସୁବିଧା କ'ଣ ରହିଛି । ଏହି ମାମଲାରେ କିଛି ସମାଧାନ ବାହାରିବା କଥା। ଅତି କଡ଼ା ନିର୍ଦ୍ଦେଶ ଦେଲେ ମଧ୍ୟ ସମସ୍ୟା ସୃଷ୍ଟି ହେବ । ଏଭଳିସ୍ଥିତିରେ ସେମାନଙ୍କୁ ବାଣ ତିଆରି କରିବାକୁ ଦିଆଯାଉ । ପରବର୍ତ୍ତୀ ଆଦେଶ ଯାଏ ଦିଲ୍ଲୀ-ଏନ୍‌ସିଆରରେ କିନ୍ତୁ ତାହା ବିକ୍ରି ହେବ ନାହିଁ।

# ଆସନ୍ତା ୯ରୁ ନଭେମ୍ବର ୯ଯାଏ ବିଜେଡିର ସଙ୍କଳ୍ପ ପଦଯାତ୍ରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତିବର୍ଷ ବିଜେଡି ପଦଯାତ୍ରା କରିଆସୁଛି। ଏଥିରେ ଜନତାଙ୍କ ବିଭିନ୍ନ ସମସ୍ୟା ନେଇକୁ ତର୍ଜମା କରାଯାଏ। ଏହାକୁ ତୃଣମୂଳ ସ୍ତର ଯାଏଁ ନିଆଯାଏ। ଚଳିତ ବର୍ଷ ପାର୍ବଣକୁ ଦୃଷ୍ଟିରେ ରଖି ଗାନ୍ଧି ଜୟନ୍ତିରୁ ପଦଯାତ୍ରା ସଂକଳ୍ପ ନିଆଯିବ। ଏନେଇ ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି । ଅକ୍ଟୋବର ୯ରୁ ଗୋପବନ୍ଧୁ ଜୟନ୍ତୀରୁ ନଭେମ୍ବର ୯ଯାଏଁ ପଦଯାତ୍ରା ହେବ। ପୂର୍ବରୁ ବିଜେଡି ସରକାର ଯେଉଁ ରୂପାନ୍ତର ଆଣିଥିଲା, ସେ ନେଇ ଆଲୋଚନା ହେବ। ୧୫ ମାସର ସରକାରଙ୍କ ବିଫଳତା ନେଇ ଲୋକ ଅଭିଯୋଗ କଲେଣି। ପଦଯାତ୍ରାରେ ଏହି କଥା ସହ ନବୀନ ପଟ୍ଟନାୟକଙ୍କ ବିକାଶ ସମ୍ପର୍କରେ ଜଣାଯିବ। ପାର୍ବଣ ଦିନରେ ପଦଯାତ୍ରା ହେବନି। ଏଥିରେ ବିଜେଡିର ସମସ୍ତ ଛାମୁଆ ସଂଗଠନ ଯୋଗ ଦେବେ ବୋଲି ଦେବୀ ମିଶ୍ର କହିଛନ୍ତି । ସେ କହିଛନ୍ତି, ପ୍ରତିବର୍ଷ ପରି ଏ ବର୍ଷ ବି ପଦଯାତ୍ରା ହେବ। ନଭେମ୍ବର ୯ ଯାଏଁ ହେବ। ପ୍ରତିବର୍ଷ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହା ହୁଏ। ନବୀନ ପଟ୍ଟନାୟକ ସରକାର ବିକାଶ କରିଥିଲେ। ହେଲେ ଓଡ଼ିଆ ଅସ୍ମିତା ଓ ପରିବର୍ତ୍ତନର ନାରା ଦେଇ ବିଜେପି ସରକାରକୁ ଆସି ବିକାଶକୁ ବନ୍ଦ କରି ଦେଇଛନ୍ତି। ନିଶାମୁକ୍ତ ଅଭିଯାନ କରୁଛନ୍ତି। ହେଲେ ବନ୍ଦ ହୋଇପଡ଼ିଥିବା ୭୦ ମଦ ଦୋକାନ ଖୋଲି ଏହା କେମିତି କରିବେ ବୋଲି ପ୍ରଶ୍ନ କରିଥିଲେ । ଏକ ବର୍ଷ ଅନୁଭୂତି ଅନେକ ନିଶା, ନାରୀ ନିର୍ଯାତନା, ଚାଷୀ ଶୋଷଣର ଅନୁଭୂତି । ପରିବର୍ତ୍ତନ କଥା କହିଲେ, କେବଳ ରଙ୍ଗ ମାରି ପରିବର୍ତନ କରୁଛନ୍ତି । ପଞ୍ଚାୟତ ପ୍ରତିନିଧିଙ୍କ କ୍ଷମତା ସଂକୁଚିତ କରିଛନ୍ତି। ଏ ସବୁ ବ୍ୟବସ୍ଥା କରି ଲୋକଙ୍କୁ ହଇରାଣ କରିବାକୁ ସରକାର କାମ କରୁଛନ୍ତି । ଏ ହେଉଛି ସରକାରଙ୍କ ପରିବର୍ତ୍ତନ। ସବୁ ମେଡିକାଲରେ ଡାକ୍ତର, ସବୁ ସ୍କୁଲରେ ଶିକ୍ଷକ, ନିଯୁକ୍ତି କଥା କହିଥିଲେ ହେଲେ କଲେନି। ନବୀନ ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା କାମ ବି ବନ୍ଦ କରିଦେଇଛନ୍ତି । ଦୁଇ କୋଟି ଚାକିରି କଥା କହିଲେ, ଏବେ ପକୋଡ଼ି ବିକିବାକୁ ଚାକିରି କହୁଛନ୍ତି । କଳା ଧନର ମିଛ ସ୍ଲୋଗାନ୍ ଦେଲା କେନ୍ଦ୍ର । ଏହାକୁ ଅନୁସରଣ କରୁଛନ୍ତି ରାଜ୍ୟ ବିଜେପି ନେତା। ବାଧ୍ୟ ହେଉଛନ୍ତି କେନ୍ଦ୍ର ନେତାଙ୍କ କଥା ଆଣିବାକୁ। ୨୦ ସାଂସଦଙ୍କ ମୁହଁ ଖୋଲୁନି । ଜିଏସ୍‌ଟି କାଉନସିଲରେ ଓଡ଼ିଶା ପାଇଁ ମୁହଁ ଖୋଲିଲେନି। ଯାହା ବିକାଶ, ନବୀନ ପଟ୍ଟନାୟକ ସମୟରେ ହୋଇଥିଲା।

ପଦଯାତ୍ରାରେ ବିଜେପିର ମୁଖା ଖୋଲିବ ବିଜେଡି । ବିଜୁ ପଟ୍ଟନାୟକ ମହିଳା ମାନଙ୍କୁ ରାଜନୀତିକୁ ଆଣିବା ପାଇଁ ୩୩% ସଂରକ୍ଷଣ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ କରିଥିଲେ। ତାଙ୍କ ପୁଅ ନବୀନ ପଟ୍ଟନାୟକ ୫୦% ସଂରକ୍ଷଣ କରିଥିଲେ। ମିଶନ ଶକ୍ତି ବିଭାଗ ହେଲା। ଏଥିରେ ମହିଳାଙ୍କୁ ସଶକ୍ତ କରିବାକୁ କୃଷି ମିତ୍ର, ପ୍ରାଣୀମିତ୍ର ଏମ୍‌ବିକେ, ସିଆରପି କରାଯାଇଥିଲା। ସେଥି ପାଇଁ ସେମାନଙ୍କୁ ଦରମା ମିଳୁଥିଲା। ହେଲେ ବିଜେପି ସରକାର ଏହାକୁ ଭାଙ୍ଗୁଛନ୍ତି । ମିଶନ ଶକ୍ତି ବଜେଟ୍ ସଂକୁଚିତ କରିଛନ୍ତି । କିପରି ଏମ୍‌ବିକେ, ସିଆରପି, ଇସି ସଦସ୍ୟଙ୍କୁ ବିତାଡିତ କରିବେ, ସେ କାମ କରୁଛନ୍ତି ସରକାର। ନିଜ କୁଜି ନେତାଙ୍କୁ ରଖିବାକୁ ଯୋଜନା ହେଉଛି। ବିଜେଡି ମିଶନ ଶକ୍ତି ସହ ଅଛି। ସରକାର ଷଡଯନ୍ତ୍ର ବନ୍ଦ ନ କଲେ, ମହିଳାମାନଙ୍କ ସହ ବିଜେଡି ଠିଆ ହୋଇ ଲଢେଇ କରିବ ବୋଲି ବିରୋଧୀ ଦଳ ଉପସଚେତକ ପ୍ରମିଳା ମଲ୍ଲିକ କହଛନ୍ତି।

ବିଜେଡି ପଦଯାତ୍ରା କଥା କହି ବିଜେପିକୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୟୁନେସ୍କୋ ତାଲିକାରେ ...

ଅଛନ୍ତି। ଭାରତ ସରକାର ଛଟ ପୂଜାକୁ ୟୁନେସ୍କୋର ଅମୃତ ସାଂସ୍କୃତିକ ଐତିହ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଚେଷ୍ଟା କରୁଛି। ଛଟ ପୂଜା ୟୁନେସ୍କୋ ତାଲିକାରେ ଅନ୍ତର୍ଭୁକ୍ତ ହେବା ପରେ, ବିଶ୍ୱର ପ୍ରତ୍ୟେକ କୋଣରେ ଲୋକମାନେ ଏହାର ମହିମା ଏବଂ ଦିବ୍ୟତା ଅନୁଭବ କରିପାରିବେ।'

### ଗୋବିନ୍ଦ ସାହୁଙ୍କ...

ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୋବିନ୍ଦ ସାହୁ ଜଣେ ଅଭିଯୁକ୍ତ ଥିଲେ। ରିପୋର୍ଟ ଅନୁଯାୟୀ ଜେଲ୍‌ରେ ଥିବା ଅବସ୍ଥାରେ ସେ ଆତ୍ମହତ୍ୟା କରିଥିଲେ।

### ବିହାର ନିର୍ବାଚନ ...

ବରିଷ୍ଠ ଅଧିକାରୀ ନିଯୁକ୍ତ ହେବେ। ୩୨୦ ଆଇଏଏସ ଅଧିକାରୀ, ୬୦ ଆଇପିଏସ ଏବଂ ୯୦ ଆଇଆରଏସ, ଆଇଆରଏଏସ, ଆଇସିଏଏସ ଅଧିକାରୀ ନିଯୁକ୍ତ ହେବେ। ସୂଚନାଯୋଗ୍ୟ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ଉକ୍ତ ଆସନ ଖାଲି ପଡ଼ିଛି। ତେଣୁ ସେଠାରେ ଉପନିର୍ବାଚନ ହେବ।

### ସୀମାନ୍ତରେ...

ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ୩ ଜଣ ନକ୍ସଲଙ୍କର ମୃତ ଦେହକୁ ଜବତ କରିଥିଲେ। ମୃତ ନକ୍ସଲଙ୍କୁ ଚିହ୍ନଟ କରାଯାଇଛି। ଏମାନେ ହେଲେ ଏସିଏମ ସରୱନ ମାଡକମ ଓରଫ ବିଶ୍ୱନାଥ ଓରଫ ବୁଧରାମ ପୁନେମ,ଏଲଓସି କମାଣ୍ଡର ରାଜେଶ ଓରଫ ରାକେଶ ଏବଂ ପାର୍ଟି ସଦସ୍ୟ ବାସନ୍ତୀ କୁଞ୍ଜାମ ଓରଫ ହିଡମେ। ତେବେ ଏସିଏମ ସର୍ୱନ ମାଡକାମ ନାମରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିବା ବେଳେ, କମାଣ୍ଡର ରାକେଶ ନାମରେ ୫ ଲକ୍ଷ ଏବଂ ପାର୍ଟି ମେମ୍ବର ବାସନ୍ତୀ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଏଥିସହ ଘଟଣାସ୍ଥଳରୁ ଗୋଟିଏ ଏସଏଲଆର ବନ୍ଧୁକ, ଗୋଟିଏ ୧୨ ବୋର ବନ୍ଧୁକ, ଗୋଟିଏ ୩୦୩ ବନ୍ଧୁକ ସମେତ ବହୁ ମାତ୍ରାରେ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ କରାଯାଇଛି।

### ସହରୀ ନକ୍ସଲ...

ଏପରିକି ଏମାନେ ବଡ଼ବଡ଼ ଅଧିକାରୀଙ୍କ ଘରେ କାମ କରିବା ସହ କାର୍ ଡ୍ରାଇଭର ଓ ଗାର୍ଡ ରୂପେ ମଧ୍ୟ କାମ କରୁଥିଲେ। ରାୟପୁରର ବିଭିନ୍ନ ସାହିରେ ଘର ବଦଳାଇ ରହୁଥିଲେ। ପୁଲିସ ସହରୀ ନେଟୱାର୍କକୁ ତଦନ୍ତ କରିବା ବେଳେ ଏହି ଦମ୍ପତି ଧରାପଡ଼ିଥିଲେ। ଏମାନଙ୍କୁ ପୁଲିସ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଛି। ଏମାନେ ପୁଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବା ଜଣାପଡିଛି।

### ଭୁବନେଶ୍ୱର...

ସମସ୍ତ ୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଅକ୍ଟୋବର ୧ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଅନ୍ୟ ୨୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨ ତାରିଖରେ ଭୀଷଣ ବର୍ଷା, ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଅନ୍ୟ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୩ ତାରିଖରେ ଭୀଷଣ ବର୍ଷା ନେଇ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୪ ତାରିଖ ପାଇଁ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

### ଭାରତର ତିନି ...

ସହଜ ଓ ସର୍ବବ୍ୟାପୀ କରିଛି। ଜ୍ଞାନ ପ୍ରତି ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧ ସାକ୍ଷରତାକୁ ସମୁଦାୟର ଦାୟିତ୍ୱରେ ପରିଣତ କରିଛି।ଏହି କାର୍ଯ୍ୟକ୍ରମ ଅଧୀନରେ ଅସାକ୍ଷର ବୟସ୍କମାନଙ୍କୁ ଚିହ୍ନଟ କରି ସେମାନଙ୍କୁ କାର୍ଯ୍ୟକ୍ଷମ ସାକ୍ଷରତା ପ୍ରଦାନ କରାଯାଇଛି। ଗୋଆ ମେ' ୨୦୨୫ରେ ୯୯.୭୨% ସାକ୍ଷରତା ହାର ସହିତ ଦ୍ୱିତୀୟ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ଘୋଷିତ ହୋଇଛି। ରାଜ୍ୟର ଛୋଟ ଆକାର ଓ ସୁସଂଗଠିତ ପ୍ରଶାସନିକ ବ୍ୟବସ୍ଥା ଏହାର ସଫଳତାରେ ସହାୟକ ହୋଇଛି। ସାମାଜିକ କଲ୍ୟାଣ ଓ ପଞ୍ଚାୟତିରାଜ ବିଭାଗ ସହିତ ସମନ୍ୱୟ କରି ଅସାକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ ଓ ନାମ ଲେଖାଯାଇଛି। 'ସ୍ୱୟଂପୂର୍ଣ୍ଣ ମିତ୍ର' ନାମକ ସ୍ୱେଚ୍ଛାସେବୀମାନେ ସଚେତନତା ଅଭିଯାନ, ନାମଙ୍କନ ଓ ପ୍ରମାଣପତ୍ର ପ୍ରଦାନରେ ସହାୟତା କରିଛନ୍ତି। ୟୁଏଲ୍‌ଏଲ୍‌ଏଏସ୍ ମୋବାଇଲ ଆପ୍ ମାଧ୍ୟମରେ ନାମଙ୍କନ, ଡିଜିଟାଲ ଶିକ୍ଷା ଓ ମୂଲ୍ୟାଙ୍କନ କାର୍ଯ୍ୟ ଦକ୍ଷତାର ସହ ସମ୍ପନ୍ନ ହୋଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ, ଡିଜିଟାଲ ଓ ଆର୍ଥିକ ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି। ତ୍ରିପୁରା ଜୁନ ୨୦୨୫ରେ ୯୫.୬% ସାକ୍ଷରତା ହାର ସହିତ ତୃତୀୟ ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ଘୋଷିତ ହୋଇଛି। ୧୯୬୧ରେ ମାତ୍ର ୨୦.୨୪% ଥିବା ସାକ୍ଷରତା ହାର ଏକ ବିରାଟ ଉନ୍ନତି ଦେଖାଇଛି।

### ବାଣିଜ୍ୟିକ ବିବାଦ...

ଜେନେରାଲ୍, କେରଳ ଯୋଗଦେଇ ଉପରୋକ୍ତ ବିଷୟରେ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ । ଅଧିବେଶନରେ ମୁଖ୍ୟ ଆଲୋଚ୍ୟ ବିଷୟ- କମର୍ସିଆଲ୍ କୋର୍ଟ୍ସ ଆଇନ୍, ଅନୁସାରେ ବିବାଦ ଉପୁଜିବା ପୂର୍ବରୁ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ କରାଯିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ମଧ୍ୟସ୍ଥତା–ଆର୍ବିଟ୍ରେସନ ଏବଂ ଆର୍ବିଟ୍ରେସନ –ମଧ୍ୟସ୍ଥତା– ଆର୍ବିଟ୍ରେସନ ପ୍ରଣାଳୀ ଅବଲମ୍ବନ କରାଯାଇ ବିବାଦର ସମାଧାନ, ପ୍ରଚଳିତ ହେଉଥିବା ଶ୍ରେଷ୍ଠ ଅଭ୍ୟାସ (ବେଷ୍ଟ ପ୍ରାକ୍ଟିସେସ୍) ଅନୁଧ୍ୟାନ, ଗୋପନୀୟତା ରକ୍ଷାର ଆହ୍ୱାନକୁ ଗୁରୁତ୍ୱ ଦେଇ ଅନଲାଇନ୍ ମାଧ୍ୟମରେ ଅଧିକରୁ ଅଧିକ ବିବାଦ ସମାଧାନର ସମ୍ଭାବନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମଧ୍ୟସ୍ଥତା ସମ୍ପର୍କରେ ରହିଥିବା ବୈଶ୍ୱିକ ଦୃଷ୍ଟିକୋଣ ସଂପର୍କରେ ଉପସ୍ଥାପନ କରାଯାଇ ସିଙ୍ଗାପୁର ସମ୍ମିଳନୀ, ୟୁରୋପୀୟ ସଂଘ ଏବଂ ୟୁଏସ୍ ମଡେଲରୁ ଶିକ୍ଷା ଲାଭ କରି ତୁଳନାତ୍ମକ ମଧ୍ୟସ୍ଥତା ଅଭ୍ୟାସ, ଆନ୍ତର୍ଜାତିକ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ମଧ୍ୟସ୍ଥତା ବଳରେ ଭାରତକୁ ଏକ ନିବେଶ ହବ୍ ଭାବେ ସ୍ଥାପିତ କରିବାର ସୁଯୋଗ, ସାରା ବିଶ୍ୱରେ ତୃଣମୂଳସ୍ତରରେ ପ୍ରଚଳିତ ଧାରାକୁ ନେଇ କମ୍ୟୁନିଟି(ଗୋଷ୍ଠୀଭିତ୍ତିକ) ମଧ୍ୟସ୍ଥତା ମଡେଲ ଆପଣାଇବା ଆଦି ସଂପର୍କରେ ଏହି ଅଧିବେଶନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

### ଭାରତ ଏସିଆକପ୍ ...

୩୩ ରନ୍ ମଧ୍ୟରେ ସେମାନେ ବାକି ୯ ୱିକେଟ୍ ହରାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ସାହିବଜାଦା ଫରହାନ୍, ଫଖର ଜମାନ୍ ଏବଂ ସାମ୍ ଆୟୁବଙ୍କ ବ୍ୟତୀତ ଅନ୍ୟ କୌଣସି ପାକିସ୍ତାନୀ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ମୋଟାମୋଟି ଭାବରେ, ପାକିସ୍ତାନ ମାତ୍ର ୬୨ ରନ୍‌ରେ ଅଲ୍ ଆଉଟ୍ ହୋଇଗଲା। ଭାରତ ଆଗରେ ୧୪୭ ରନ୍‌ର ବିଜୟଲକ୍ଷ୍ୟ ରଖିଥିଲା ପାକିସ୍ତାନ। ୧୪୮ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ପ୍ରାରମ୍ଭରୁ ଅଭିଷେକ ଶର୍ମା (୫), ସୂର୍ଯ୍ୟ କୁମାର ଯାଦବ (୧), ଶୁଭମନ୍ ଗିଲ୍ (୧୨) ଓ ସଞ୍ଜୁ ସାମସନ (୨୪)ଙ୍କୁ ହରାଇ ସଂକଟରେ ପଡ଼ିଥିଲା। ଏହା ପରେ ତିଳକ ବର୍ମା ଓ ଶିବମ୍ ଦୁବେ ଧୈର୍ଯ୍ୟର ସହ ଖେଳି ଟିମ୍ ଇଣ୍ଡିଆକୁ ଆଗେଇ ନେଇ ୧୦୦ ରନ୍ ଅତିକ୍ରମ କରାଇଥିଲେ। ଶିବମ ଦୁବେ ୨୨ ବଲରେ ୨ଚୌକା, ୨ ଛକା ସହାୟତାରେ ୩୩ ରନ୍ କରି ଆଉଟ ହୋଇଯାଇଥିବା ବେଳେ ତିଳକ ବର୍ମା ୫୩ ବଲରେ ୩ ଚୌକା, ୪ ଛକା ମାରି ୬୯ ରନର ଚମତ୍କାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଫଳରେ ଭାରତ ୫ ୱିକେଟ୍ ହରାଇ ୨ଟି ବଲ୍ ବାକି ଥାଇ ୧୫୦ ରନ୍ କରି ପାକିସ୍ତାନକୁ ୫ ୱିକେଟ୍ ହରାଇ ଏକ ଚମତ୍କାର ବିଜୟ ଲାଭ କରିଥିଲା।

# ଏକାମ୍ର ବିଧାୟକଙ୍କ ଦ୍ୱାରା ଦେବବ୍ରତ ନାୟକଙ୍କର "ବ୍ରହ୍ମ ବିନ୍ଦୁ" ଉଦ୍‌ଘାଟନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରବିବାରରେ କେଦାରଗୌରୀ ରିସର୍ଟ, ଲୁଇସ ରୋଡ୍, ଭୁବନେଶ୍ୱରରେ ଦେବଯୁଗ ପରିବାରର ସଂସ୍ଥାପକ ଦେବବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ, ଦେବବ୍ରତ ନାୟକଙ୍କର "ବ୍ରହ୍ମ ବିନ୍ଦୁ" ରକ୍ତଦାନର ନୂତନ ଉଦ୍ଭାବନୀୟ ପ୍ରୟାସକୁ ଉଦଘାଟନ କରିଥିଲେ। ପୂର୍ବତନ ବିଧାୟକ ସୁରେଶ ରାଉତରାଏ, ପୂର୍ବତନ ବିଜେପି ରାଜ୍ୟ ସଭାପତି ତଥା ଓଲିମ୍ପିକ୍ ସ୍ପୋର୍ଟସ୍ ପ୍ରେସିଡେଣ୍ଟ ସମୀର ମହାନ୍ତି ଏବଂ ସଙ୍ଗ୍ରାମ କେଶରୀ ପାଇକରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ସରକାରୀ, ବେସରକାରୀ ଏବଂ ସ୍ଥାନୀୟ ସମୁଦାୟର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଓ ଅନ୍ୟନ୍ୟ ସେବା ଯୋଗାଉ ଥିବା ବ୍ୟକ୍ତି ବିଶେଷ ଯଥା ବିଏମ୍‌ସି ସଫାଇ କର୍ମଚାରୀ, ଡାକବାଲା, ଖବର କାଗଜ ହକର, ଭଣ୍ଡାରୀ, ଇଲେକ୍ଟ୍ରିସିଟି କର୍ମଚାରୀ, ସେଲୁନ କର୍ମୀ, ପିଏଚ୍‌ଡି କର୍ମଚାରୀ, ଆଙ୍ଗନୱାଡ଼ି, ଆଶାକର୍ମୀ, ଦୁଧବାଲା, ଗ୍ୟାସ ଡେଲିଭରୀମାନଙ୍କ ସହିତ ସମାଜସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଦେବଯୁଗ ପରିବାରର ଏହି ମହାନ କାର୍ଯ୍ୟକୁ ସବୁ ସ୍ତରରେ ଅନେକ ପ୍ରଶଂସା କରାଯାଉଛି।

# ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳିବେ ୨୪୦୦ ହବିଷ୍ୟାଳି



**ପୁରୀ, ନ୍ୟୁଜ ବ୍ୟୁରୋ**

ମାଗଣାରେ ସମସ୍ତ ସୁବିଧା ସହ ସରକାରୀ ସୁରକ୍ଷାରେ ଶ୍ରୀକ୍ଷେତ୍ରରେ ପ୍ରାୟ ୨୪୦୦ ହବିଷ୍ୟାଳି 'କାର୍ତ୍ତିକ ବ୍ରତ' ପାଳନ କରିବେ । ପ୍ରାୟ ୨୬୪୪ ଜଣ ସରକାରୀ ନିର୍ଦ୍ଧାରିତ ପୋଟାଲରେ ଆବେଦନ କରିଥିବା ବେଳେ ଯାଞ୍ଚ ପ୍ରକ୍ରିୟାରେ ପ୍ରାୟ ୨୦୦ ଜଣ ବାଦ୍ ପଡ଼ିଛନ୍ତି । ସେପଟେ ହବିଷ୍ୟାଳି ଶିବିରରେ ବ୍ରତଧାରୀଙ୍କ ଉତ୍ତମ ଯତ୍ନ ଓ ସୁରକ୍ଷା ପ୍ରଭୃତି କାର୍ଯ୍ୟର ତାଲିମ ନେଇଛନ୍ତି ପ୍ରାଶାସନିକ କର୍ମଚାରୀ । କାର୍ଯ୍ୟରେ ଅବହେଳା କଲେ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରାଶାସନିକ କର୍ମଚାରୀଙ୍କୁ ତାଲିମ୍ ଦେବା ଅବସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଚେତାବନୀ ଶୁଣାଇଛନ୍ତି ।

ଆସନ୍ତା ମାସ ୭ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ କାର୍ତ୍ତିକ ବ୍ରତ ତଥା 'ରାଇଦାମୋଦର ବ୍ରତ' । କେଉଁ ଜିଲ୍ଲାରୁ କେବେ ହବିଷ୍ୟାଳି ବ୍ରତ ପାଳନ ନିମନ୍ତେ ଆସିବେ ସେନେଇ ଚୂଡ଼ାନ୍ତ ତାଲିକା ପ୍ରଶାସନ ପ୍ରସ୍ତୁତ କରିଛି । ସେମାନଙ୍କ ନିକଟକୁ ଚୂଡ଼ାନ୍ତ ଚୟନ ନେଇ ବାର୍ତ୍ତା ପଠାଇବା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ଟାଉନ୍ ହଲ୍‌ରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାପାଳ ସମସ୍ତ ପ୍ରାଶାସନିକ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି । ସମସ୍ତେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ତାହାକୁ ଲକ୍ଷ୍ୟରେ ରଖି ପରସ୍ପର ଭିତରେ ସମନ୍ୱୟ ରଖି କାମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଏଡିଏମ୍ ଶରତ ଚନ୍ଦ୍ର ବେହେରା, ଡ. ଶରତ ଚନ୍ଦ୍ର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ ।

# ଶିକ୍ଷା ବିଭାଗ ଅଧିକାରୀଙ୍କ ପାଇଁ ନୂଆ ନିୟମ : ଏଣିକି ୩ ବର୍ଷରେ ବଦଳି ବାଧ୍ୟତାମୂଳକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଏଣିକି ଆଉ କୌଣସି ଶିକ୍ଷା ବିଭାଗରେ ଥିବା ଅଧିକାରୀ କିମ୍ବା କର୍ମଚାରୀ ଗୋଟିଏ ସ୍ଥାନରେ ୩ବର୍ଷରୁ ଅଧିକ ଦିନ ରହିପାରିବେ ନାହିଁ । ୩ବର୍ଷରୁ ଅଧିକ ଦିନ ଧରି ଗାଦି ମାଡ଼ି ବସିଥିବା ସମସ୍ତ ଅଧିକାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯିବ। ଚଳିତ ବର୍ଷ ୫୦ ପ୍ରତିଶତ ଅଧିକାରୀ, କର୍ମଚାରୀ ବଦଳି ହେବେ । ଆସନ୍ତାବର୍ଷକୁ ବାକି ରହିଯାଇଥିବା ଅଣଶିକ୍ଷକଙ୍କୁ ବଦଳି କରାଯିବ। ଏନେଇ ନିଷ୍ପତ୍ତି ନେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ।

ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଅବସରକୁ ଦୁଇ ବର୍ଷ ବାକିଥିବା ଅଧିକାରୀଙ୍କୁ ବଦଳି କରାଯାଇପାରିବ ନାହିଁ । ସେହିପରି ନିଜ ଜିଲ୍ଲା କିମ୍ବା ବ୍ଲକରେ କାର୍ଯ୍ୟ କରିପାରିବେନି କୌଣସି ଅଧିକାରୀ । ଅନ୍ୟପଟେ ବଦଳି ହେବା ପୂର୍ବରୁ ବିଭାଗର ପରାମର୍ଶ ଓ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଗତ ଅଗଷ୍ଟ ମାସ ୨୦ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅଧିକାରୀଙ୍କ ବଦଳି ନେଇ ଏକ ମାର୍ଗଦର୍ଶିକା ଜାରି ହୋଇଥିଲା । ଏଥିରେ ଥିବା ନିର୍ଦ୍ଦେଶନାମା ଅନୁଯାୟୀ ବଦଳି କରାଯିବ । ଏପ୍ରିଲ୍ ୩୦ରୁ ଜୁନ୍ ୧୫ ତାରିଖ ମଧ୍ୟରେ ବଦଳି କରାଯିବ। ଆସନ୍ତା ଏପ୍ରିଲ୍ ୩୦ ତାରିଖ ଯାଏ ଏହି ବିଭାଗ ଅଧୀନରେ ଥିବା ୫୦ ପ୍ରତିଶତ ଅଧିକାରୀଙ୍କୁ ଚଳିତ ବର୍ଷ ପାଇଁ ବଦଳି କରାଯିବ । ତେବେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଅନୁମତି ନେଇ ବଦଳି କରାଯିବ ବୋଲି ଜଣାପଡିଛି ।

# ବନ୍ଦ ହେଲା ହୀରାକୁଦ ଡ୍ୟାମ୍‌ର ୪ଟି ଗେଟ୍

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ବନ୍ଦ ହେଲା ହୀରାକୁଦ ଡ୍ୟାମ୍‌ର ୪ଟି ଗେଟ୍ । ବର୍ତ୍ତମାନ ୧୬ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ। ପୂର୍ବରୁ ମୋଟ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ ଏବେ ସେଥିମଧ୍ୟରୁ ୪ ଟି ଗେଟ୍ ବନ୍ଦ କରାଯାଇଛି । ଲଗାତାର ବର୍ଷା କାରଣରୁ ହୀରାକୁଦ ଜଳ ଭଣ୍ଡାରର ୨୦ଟି ଗେଟ ଖୋଲା ଯାଇଥିଲା। ଯେଉଁ କାରଣରୁ ମୁଣ୍ଡଳୀରେ ୫ ଲକ୍ଷ ୭୮ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିଲା। ସେଥିମଧ୍ୟରୁ ୪ଟି ବନ୍ଦ କରାଯାଇଛି।

ଭୁବନେଶ୍ୱର
୨୯ ସେପ୍ଟେମ୍ବର, ସୋମବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27




























ଭୁବନେଶ୍ୱର : ଦୁର୍ଗାପୂଜା ଅବସରରେ ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରସ୍ତୁତ ହୋଇଥିବା ସୁଦୃଶ୍ୟ ତୋରଣ। (ଫଟୋ: ସମ୍ବାଦ କଳିକା)

# ବଡ଼ଦେଉଳରେ ମା' ବିମଳାଙ୍କ ନିଶାର୍ଦ୍ଧ ପୂଜା ଓ ଆମିଷ ଭୋଗ ନୀତି ସମ୍ପନ୍ନ



**ପୁରୀ,୨୮/୦୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାସପ୍ତମୀ ଅବସରରେ ରବିବାର ଠାରୁ ବଡ଼ଦେଉଳରେ ମା' ବିମଳାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜାର ସ୍ୱତନ୍ତ୍ର ବିଧିବିଧାନ ଆରମ୍ଭ ହୋଇଛି । ଠାକୁରାଣୀଙ୍କ ନିଶାର୍ଦ୍ଧ ପୂଜା ଅନୁଷ୍ଠିତ ହୋଇଛି । ମା'ଙ୍କୁ ଆମିଷ ଭୋଗ ଲାଗି ହେବା ସହ ମା'ବିମଳାଙ୍କ କୂଅ ପଛ ପାର୍ଶ୍ୱ ଅସ୍ଥାୟୀ ରୋଷ ଘର ପ୍ରସ୍ତୁତ ହୋଇ ସେଠାରେ ସଙ୍ଖୁଡ଼ି ରନ୍ଧା ହୋଇଛି । ଯେତେ ସବୁ ଆମିଷ ତଥା ସଙ୍ଖୁଡ଼ି ଭୋଗ ପଶ୍ଚିମଦ୍ୱାର ଦେଇ ଭିତର ବାହାର ହୋଇଥିଲା। ମହାଅଷ୍ଟମୀ ଓ ମହାନବମୀରେ ଏପରି ପୂଜା ଅନୁଷ୍ଠିତ ହେବ । ଠାକୁରଙ୍କ ରାତ୍ର ପହୁଡ଼ ପରେ ସଙ୍ଖୁଡ଼ି ଭୋଗ ଦ୍ରବ୍ୟାଦି ଶ୍ରୀମନ୍ଦିରକୁ ପ୍ରବେଶ କରିବ। ଠାକୁରଙ୍କ କମାର ସେବକଙ୍କ ଘରୁ ଯାଏ ଖଡ୍‌ଗ। ପାଣିଆ ଆପଟ ସେବକଙ୍କ ଘରୁ ପୂଜାର୍ଚ୍ଚନା ହୋଇ ପନିକି ଯାଏ । ପୂଜା ତିନି ଦିନ ୨ଟି ଲେଖାଏଁ ବଳି ପଡ଼ିବାର ବିଧି କାହିଁ କେଉଁ କାଳରୁ ପାଳିତ ହେଉଛି । ଦେବୀଙ୍କ ପାଇଁ ଭକ୍ତଙ୍କ ମାନସିକ ବଳି କାକୁଡ଼ିଖାଇଙ୍କ ନିକଟରେ ପଡ଼ିଥାଏ। ସମସ୍ତ ସଙ୍ଖୁଡ଼ି ଭୋଗ ସେହି ପଶ୍ଚିମଦ୍ୱାର ଦେଇ ବାହାରକୁ ଯିବା ପରେ ଚୂନ ପାଣି ପଡ଼ି ଶ୍ରୀମନ୍ଦିର ଦ୍ୱାର ଫିଟାଯାଏ । ଏଥିସହ ଉକ୍ତ ତିନି ଦିନ ପୂଜାରେ ମଧ ଦୁର୍ଗାମାଧବ ରଥାକୃତି ବିମାନରେ ବିଜେ ହୋଇ ପୂର୍ବଭଳି ଶାକ୍ତ ଗୁଣ୍ଡିଚା ବିଧି ଅନୁଷ୍ଠିତ ହେବ ।

## ନବରାତ୍ରି ଅବସରରେ ଚଳଚଞ୍ଚଳ ଶକ୍ତିପୀଠ

**ଯାଜପୁର, ୨୮/୯ ନ୍ୟୁଜ ବ୍ୟୁରୋ**

ନବରାତ୍ରି ଅବସରରେ ଚଳଚଞ୍ଚଳ ଶକ୍ତି ପୀଠ। ରବିବାର ପୀଠରେ ସପ୍ତମୀ ଥିବା ବେଳେ ମଣ୍ଡପରେ ଷଷ୍ଠୀ ପୂଜା ପାଳିତ ହୋଇଛି । ଜଗତସିଂହପୁର ଜିଲ୍ଲା ଝଙ୍କଡ଼ ବାସିନୀ ମା' ଶାରଳାଙ୍କ ପୀଠରେ ଚାଲିଛି ନବରାତ୍ର ପୂଜା। ନବରାତ୍ର ପୂଜାର ସପ୍ତମ ଦିବସ ଏବଂ ଷୋଡ଼ଶ ଉପଚାର ପୂଜା ପନ୍ଦର ଦିନରେ ପହଞ୍ଚିଛି। ମା' କାଳରାତ୍ରି ରୂପରେ ପୂଜା ପାଉଛନ୍ତି । ପ୍ରଥମେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ ପରେ ରବିବାର ମା' କାଳରାତ୍ରି ସ୍ୱରୂପରେ ଧରାପୃଷ୍ଠରେ ଦର୍ଶନ ଦେଇଛନ୍ତି । ମା' ତ୍ରିନେତ୍ର ସହିତ ହାତରେ ଲୌହ ଖଡ଼ଗ ଓ ଖର୍ପର ଏବଂ ରାତ୍ରି ଅନ୍ଧକାର ସଦୃଶ୍ୟ କଳା ଶରୀର ଧାରଣ କରିଛନ୍ତି। ପୁରାତନ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ପାଟଣେଶ୍ୱରୀ । ପୀଠରେ ମହିମା ବେଶ ନିଆରା ଦଶହରା ସମୟରେ କରାଯାଉଥିବା ଷୋହଳ ପୂଜା ସବୁଠୁ ସ୍ୱତନ୍ତ୍ର । ତତ୍କାଳୀନ ପାଟଣା ରାଜ୍ୟର ରାଜଧାନୀ ଓ ବର୍ତ୍ତମାନର ବଲାଙ୍ଗୀର ଜିଲ୍ଲାର ପ୍ରମୁଖ ସହର ହେଉଛି ପାଟଣାଗଡ଼। ବଲାଙ୍ଗୀର ସଦର ମହକୁମାଠାରୁ ପାଟଣାଗଡ଼ କିଛି ଦୂରରେ ଅବସ୍ଥିତ ହୋଇଥିବା ବେଳେ ଏଠାରେ ପାଟଣେଶ୍ୱରୀ ପୂଜା ପାଉଛନ୍ତି । ସୂଚନା ଅନୁସାରେ, ଖ୍ରୀଷ୍ଟପୂର୍ବ ୫୪ରେ ପାଟଣା ରାଜା ମାଧବଚନ୍ଦ୍ର ଦେବଙ୍କ ଦ୍ୱାରା ପାଟଣେଶ୍ୱରୀ ଦେବୀଙ୍କ ପୂଜା କରାଯାଉଥିଲା। ପ୍ରତିବର୍ଷ ଦଶହରା ସମୟରେ ମା'ଙ୍କର ଷୋହଳ ପୂଜା କରାଯାଏ । ଚଳିତବର୍ଷ ମୂଳାଷ୍ଟମୀ ଠାରୁ ଖଣ୍ଡାଧୁଆ ନୀତି ଆରମ୍ଭ ହୋଇଥିଲା। ପ୍ରତିଦିନ ଯନ୍ତ୍ର-ତନ୍ତ୍ର-ମନ୍ତ୍ରରେ ପୂଜା ସହ ମା'ଙ୍କର ଷୋଡ଼ଶ ଉପଚାର କରାଯାଉଛି । ରବିବାର ହେଉଛି ମା'ଙ୍କ ସପ୍ତମୀ ପୂଜା । ସପ୍ତମୀ ଥିବା ବେଳେ ନବ ଦିନାତ୍ମକ ପୂଜା ପୀଠ ମାନଙ୍କରେ ମା'କାଳରାତ୍ରି ବେଶରେ ପୂଜା ପାଇଛନ୍ତି ।

## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ସମାପିତ

# ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରନ୍ତୁ

**ଭୁବନେଶ୍ୱର, ୨୮।୯ ନ୍ୟୁଜ ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ରବିବାର ସମାପନ ହୋଇଛି। ତିନିଦିନ ଧରି ଚାଲିଥିବା ଏହି ସମାବର୍ତ୍ତନ ଉତ୍ସବରେ ୧୯୫ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ, ଓ୍ୱକହର୍ଡ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ. ହୁଜେଫା ଖୋରାକିଓ୍ୱାଲା, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସଂପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟ ସାଂସଦ ଡ. ଫିଡେଲ ରାଏସ୍ ଲି, ଜର୍ମାନୀର ପ୍ରନ୍ତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ସମାବର୍ତ୍ତନ ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଶ୍ରୀ ମୁନାସିଂଘେ କହିଲେ,



ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସଂପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ।

ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଜଷ୍ଟିସ୍ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ସେମାନଙ୍କର ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ସେହିପରି ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଭାଷଣ ଦେଇ କହିଲେ, ଛାତ୍ରଛାତ୍ରୀମାନେ କିଟ୍ ବିଶ୍ୱବିଦ୍ୟାଳୟର ବିସ୍ତୃତ କ୍ୟାମ୍ପସରେ ଅଧ୍ୟୟନ କରି ବିଶ୍ୱ ନାଗରିକତାର ସ୍ୱପ୍ନ ଦେଖୁଛନ୍ତି। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଡ. ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ସେମାନଙ୍କ ମୂଳ ମନ୍ତ୍ର କରିବାକୁ ସେ ଆହ୍ୱାନ ଦେଇଥିଲେ।

ଶ୍ରୀ ସଚଦେବା କହିଲେ, କିଟ୍ ଓ କିସ୍ ହେଉଛି ଉତ୍କର୍ଷ ଶିକ୍ଷା ଓ ସମାଜସେବାର ଦୁଇଟି ସ୍ତମ୍ଭ। ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଜଣେ ଦୂରଦୃଷ୍ଟିସଂପନ୍ନ ମାନବବାଦୀ ବ୍ୟକ୍ତିତ୍ୱ। ଯାହାଙ୍କ ଜୀବନ ସେବା, ସ୍ଥିରତା ଏବଂ କରୁଣାର ଉଦାହରଣ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଡ. ଲି କହିଲେ, ଏହି ସମ୍ମାନ ଶିକ୍ଷା, ଶାନ୍ତି ଓ ନ୍ୟାୟ କ୍ଷେତ୍ରରେ ଭାରତ ଓ ଗୁଏତମାଲାର ସମ୍ପର୍କକୁ ପ୍ରତୀତ କରୁଛି। ଡ. ଖୋରାକିଓ୍ୱାଲା କହିଲେ, ଏହି ସମ୍ମାନ ସେବା, କରୁଣା, ଉଦ୍ଦେଶ୍ୟ ଓ ଶାନ୍ତିର ଆଦର୍ଶକୁ ଦୃଢ଼ କରିଛି।

ଏହି ଅବସରରେ ପ୍ରତିଷ୍ଠାତା ଡ. ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ସମାବର୍ତ୍ତନରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ ଓ୍ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ ଡି ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ରିସର୍ଚ୍ଚ ସେଣ୍ଟର ଓ ଟିଆଇଏସଏସ ମୁମ୍ବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

**ଭୁବନେଶ୍ୱର, ୨୮।୯ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ଓଡ଼ିଶା ରିସର୍ଚ୍ଚ ସେଣ୍ଟର (ଓଆରଏସ) ଏବଂ ମୁମ୍ବାଇସ୍ଥିତ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ (ଟିଆଇଏସଏସ) ମଧ୍ୟରେ ରବିବାର ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଏହା ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ଓଡ଼ିଶାର ଭବିଷ୍ୟତ ଓ ଯୁବପିଢ଼ିର ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏମଓୟୁ ସ୍ୱାକ୍ଷର ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଓଆରଏସ ଏବଂ ଟିଆଇଏସଏସ ମୁମ୍ବାଇ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଦୁଇଟି ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଏହା କେବଳ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଚୁକ୍ତିନାମା ନୁହେଁ ବରଂ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢ଼ିର ଗବେଷଣାକୁ ଆଗକୁ ନେବା ପାଇଁ ଏକ ମହତ୍ୱକାଂକ୍ଷୀ ଉଦ୍ୟମ । ଏହି ପଦକ୍ଷେପ ଓଡ଼ିଶାର ସାମାଜିକ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ। ସେ




ଆହୁରି କହିଛନ୍ତି ଯେ ଇତିହାସ ଦର୍ପଣ ସ୍ୱରୂପ। କୌଣସି ଜାତି ତା'ର ଇତିହାସକୁ ମନେ ନ ପକାଇ ଭବିଷ୍ୟତକୁ ଦେଖିପାରିବନି। ଓଡ଼ିଶାରେ ସଂଗଠିତ କଳିଙ୍ଗ ଯୁଦ୍ଧର ଇତିହାସ ମଧ ଅନ୍ୟ ଦେଶରେ ରହିଛି। ନାକଟିଦେଉଳ ପାଖରେ ଥିବା ଭୀମମଣ୍ଡଳୀ ପରି ଐତିହାସିକ ସ୍ଥାନ, ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳ ପୁରାତନ ମାନବ ସଭ୍ୟତା ସହ ଯୋଡି ହୋଇ ରହିଥିବାର ପ୍ରମାଣ ଦେଉଛି। ପୁରୀ ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିରର ନିର୍ମାଣ ଶୈଳୀ ଆମ ଓଡ଼ିଆ ଜାତିର ବୈଜ୍ଞାନିକ ଚିନ୍ତାଧାରା ଓ ସାମାଜିକ ବ୍ୟବସ୍ଥାର ପ୍ରତିଫଳନ। ଓଡ଼ିଆ ଭାଷା ଏବଂ ସାହିତ୍ୟର ମଧ ସୁଦୀର୍ଘ ଇତିହାସ ଅଛି। ସିଦ୍ଧ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ। ଏହି ସମସ୍ତ ବ୍ୟବସ୍ଥା ଓ ସାହିତ୍ୟର ମୂଳରେ ଅନ୍ତର୍ନିହିତ ବୈଜ୍ଞାନିକ, ସାମାଜିକ ଓ ଅର୍ଥନୈତିକ ଦର୍ଶନ ରହିଛି। ୨୦୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ଆମକୁ ଆମର ଇତିହାସକୁ ପ୍ରାଥମିକତା ଦେଇ ଓଡ଼ିଶା ଗବେଷଣା କେନ୍ଦ୍ର ମାଧ୍ୟମରେ ଗବେଷଣା ଓ ତଥ୍ୟ ଆଧାରରେ ଯୁବପିଢ଼ିଙ୍କ ପାଖରେ ସବୁ ବିଷୟ ଉପସ୍ଥାପନା କରିବା ଆମର ଲକ୍ଷ୍ୟ।

ଓଡ଼ିଶା ହେଉଛି ଅପାର ସମ୍ଭାବନାର ରାଜ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ କଳ୍ପନାରେ ଓଡ଼ିଶାରେ ନ୍ୟୁ ଏଜ୍ ଇକୋନୋମୀ ତିଆରି କରିବା ସମୟର ଆବଶ୍ୟକତା। ଆମ ରାଜ୍ୟର ପ୍ରତିଟି ଜିଲ୍ଲା ଶିକ୍ଷା, ଐତିହ୍ୟ, କଳା, ସଂସ୍କୃତି, ଇତିହାସ ଓ ସାହିତ୍ୟ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଆମର ଦେବତା। ଓଡ଼ିଆ ଲୋକମାନେ ସବୁବେଳେ ସାହସୀ । ବାଇମୁଣ୍ଡି, ଧର୍ମପଦ, ବାଜି ରାଉତ ସମୟ ସମୟରେ ଗୋଟିଏ ସମାଜ ଓ ଯୁବପିଢିର ତ୍ୟାଗ ଓ ସାହସକୁ ପ୍ରତିନିଧିତ୍ୱ କରିଛନ୍ତି । ବର୍ତ୍ତମାନର ସମୟ ଆସିଛି, ଆମକୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପଡିବ । ଗବେଷଣା ମାଧ୍ୟମରେ ଓଡ଼ିଶାର ଥିବା ସବୁ ସମ୍ଭାବନାକୁ ଉପଯୋଗ କରିବା, ଏ ଦିଗରେ ଆଜିର ଏମଓୟୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ। ଏହି ଏମଓୟୁ ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସଏସଆରର ମେମ୍ବର ସେକ୍ରେଟେରୀ ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସଏସର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିଓ୍ୱାରୀ, ଓଡ଼ିଶା ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାଶା ଏବଂ ପରିଚାଳନା ପରିଷଦର ଅନ୍ୟାନ୍ୟ ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

**ପୁରୀ, ୨୮।୯ ନ୍ୟୁଜ ବ୍ୟୁରୋ**

ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍। ଦୀର୍ଘ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡିଛି। ଶ୍ରୀମନ୍ଦିର ସହିତ ଆନନ୍ଦ ବଜାର, ସ୍ନାନ ମଣ୍ଡପ ଉପରେ ଡ୍ରୋନ୍ ଉଡ଼ିଥିଲା। ଏପରିକି ଚୂନରା ସେବାୟତମାନେ ବାନା ପରିବର୍ତ୍ତନ କରୁଥିବା ସମୟରେ ଡ୍ରୋନ୍ ଦ୍ୱାରା ସମସ୍ତ ଭିଡିଓ ନିଆଯାଇଥିବା ଦେଖିବାକୁ ମିଳିଛି। ନୋ ଫ୍ଲାଇଙ୍ଗ ଜୋନ୍‌ରେ ବାରମ୍ବାର ଏଭଳି ଡ୍ରୋନ୍ ଉଡୁଥିବାରୁ ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଡ୍ରୋନଟି କିଏ ଏବଂ କେଉଁଠାରୁ ଅପରେଟ୍ କରିଛି ତାହା ସ୍ପଷ୍ଟ ହୋଇନାହିଁ। ତେବେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ବାରମ୍ବାର ଅବାଧରେ ଡ୍ରୋନ୍ ଉଡୁଥିବା ବେଳେ ଏହା ଉପରେ ପୋଲିସ ପକ୍ଷରୁ କୌଣସି ଅଙ୍କୁଶ ଲଗାଯାଇ ପାରୁନାହିଁ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

DSPL-247


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

Tele MANAS 14416


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆପଣଙ୍କ ସେବାରେ
ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା
୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ

ଉପଲବ୍ଧ ପରାମର୍ଶ ସେବା
- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା

OIPR-10003/13/0294/2526

ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ୧୫ ଦିନରେ କ୍ଲେମ୍ ସେଟେଲ୍‌ମେଣ୍ଟ କରିବେ ବ୍ୟାଙ୍କ : ଆରବିଆଇ

**ମୁମ୍ବାଇ,୨୮/୦୯**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କ୍ଲେମ୍ ସେଟେଲ୍‌ମେଣ୍ଟ ନିୟମକୁ ସଂଶୋଧନ କରିଛି। ନୂଆ ନିୟମ ଅନୁସାରେ, ବ୍ୟାଙ୍କଗୁଡ଼ିକ ନିଜ ମୃତକ ଗ୍ରାହକଙ୍କ ବ୍ୟାଙ୍କ ଖାତା କିମ୍ବା ଲକର କ୍ଲେମ୍‌କୁ ଦସ୍ତାବିଜ ଦାଖଲର ୧୫ ଦିନ ମଧ୍ୟରେ ସେଟେଲ୍ କରିବେ। ଏଥିରେ ବିଳମ୍ବ ହେଲେ ନୋମିନିଙ୍କୁ କ୍ଷତିପୂରଣ ଦେବେ । କେନ୍ଦ୍ରୀୟ ବ୍ୟାଙ୍କର ନୂଆ ମାର୍ଗଦର୍ଶିକା ଦ୍ୱାରା ବ୍ୟାଙ୍କଗୁଡ଼ିକର ଭିନ୍ନ ଭିନ୍ନ ସେଟେଲ୍‌ମେଣ୍ଟ ନିୟମ ଏକ ହୋଇଯିବ । ଫଳରେ ଗ୍ରାହକଙ୍କ କ୍ଲେମ୍‌ଗୁଡ଼ିକୁ ସେଟେଲ୍ କରିବା ସହଜ ହୋଇପାରିବ ।




ଆରବିଆଇ ଗ୍ରାହକ ସେବାକୁ ସୁଧାରିବା ପାଇଁ ଦସ୍ତାବିଜ୍ କାରବାରକୁ ବି ବ୍ୟବସ୍ଥିତ କରିବାକୁ ନିଷ୍ପତ୍ତି ନେଇଛି । ଦେଶର ସମସ୍ତ ବ୍ୟାଙ୍କଗୁଡ଼ିକ ନୂଆ ନିୟମକୁ ୨୦୨୬ ମାର୍ଚ୍ଚ ୩୧ ପୂର୍ବରୁ ଲାଗୁ କରିବେ । ଆରବିଆଇ ପକ୍ଷରୁ ଏହି ନୂଆ ନିୟମକୁ ଜାରି କରାଯାଇଛି, ଯାହା ଅଧୀନରେ ମୃତକ ଗ୍ରାହକଙ୍କ ବ୍ୟାଙ୍କ ଖାତା କିମ୍ବା ଲକର କ୍ଲେମ୍‌କୁ ୧୫ ଦିନରେ ସେଟେଲ୍ କରିବାକୁ ପଡ଼ିବ। ନୂଆ ନିୟମର ଲକ୍ଷ୍ୟ ହେଉଛି, ଭିନ୍ନ ଭିନ୍ନ ସେଟେଲ୍‌ମେଣ୍ଟ ପ୍ରକ୍ରିୟାକୁ ଏକା ପ୍ରକାର କରିବା ଏବଂ ଗ୍ରାହକ ସେବାକୁ ଉନ୍ନତ ବନାଇବା। ଏହାସହିତ ଜରୁରୀ ଦସ୍ତାବିଜଗୁଡ଼ିକୁ ଷ୍ଟାଣ୍ଡାର୍ଡ କରି ପ୍ରକ୍ରିୟାକୁ ସହଜ କରିବା। ଆରବିଆଇର ଏହି ନିର୍ଦ୍ଦେଶ ଦେଶର ସମସ୍ତ ବାଣିଜ୍ୟିକ ବ୍ୟାଙ୍କ ଏବଂ ସମବାୟ ବ୍ୟାଙ୍କଗୁଡ଼ିକ ପାଇଁ ଲାଗୁ ହେବ। ନୂଆ ନିୟମ ମୃତକଙ୍କ ବ୍ୟାଙ୍କ ଖାତା, ସେଫ୍ ଡିପୋଜିଟ୍ ଲକର ଏବଂ ସେଫ୍ କଷ୍ଟଡିରେ ରଖାଯାଇଥିବା ସାମଗ୍ରୀର କ୍ଲେମ୍ ଉପରେ ଲାଗୁ ହେବ। ଏ ନିର୍ଦ୍ଦେଶ ଉକ୍ତ ସରକାରୀ ସଞ୍ଚୟ ଯୋଜନାଗୁଡ଼ିକ ଉପରେ ଲାଗୁ ହେବ ନାହିଁ, ଯାହା ବ୍ୟାଙ୍କଗୁଡ଼ିକ ପକ୍ଷରୁ ପରିଚାଳିତ ହୋଇଥାଏ । ଯେପରି ବରିଷ୍ଠ ନାଗରିକ ସଞ୍ଚୟ ସ୍କିମ୍ (ଏସ୍‌ସିଏସ୍‌ଏସ୍), ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଇତ୍ୟାଦି। ଏଭଳି କ୍ଷେତ୍ରରେ ସ୍କିମ୍‌ର ନିୟମ କିମ୍ବା ସର୍ତ୍ତାବଳୀ ହିସାବରେ କ୍ଲେମ୍ ସେଟେଲ୍‌ମେଣ୍ଟ ହେବ । ଯଦି ୧୫ ଦିନରେ କ୍ଲେମ୍ ସେଟେଲ୍ ନ ହୁଏ ତେବେ ବ୍ୟାଙ୍କକୁ ବିଳମ୍ବର କାରଣ ଦର୍ଶାଇବାକୁ ପଡ଼ିବ। ଏହାସହିତ ବିଳମ୍ବ ଅବଧି ପାଇଁ ବକେୟା ରାଶି ଉପରେ ବ୍ୟାଙ୍କ ହାର୍ମ ୪% ବାର୍ଷିକ ସୁଧ ଦେବାକୁ ପଡ଼ିବ। ଲକର କିମ୍ବା ସେଫ୍ କଷ୍ଟଡିର କ୍ଲେମ୍ ସେଟେଲ୍ ମେଣ୍ଟରେ ଯଦି ବିଳମ୍ବ ହୁଏ ତେବେ ବ୍ୟାଙ୍କକୁ ପ୍ରତି ଦିନର ବିଳମ୍ବ ପାଇଁ ୫,୦୦୦ ଟଙ୍କା କ୍ଷତିପୂରଣ ଦେବାକୁ ପଡ଼ିବ।